# ଝରାପତ୍ରର ଶିଳାଲିପି

ଡକ୍ଟର ସୁବାସିନୀ ଲେଙ୍କା


ଝରାପତ୍ରର ଶିଳାଲିପି



*ଲେଖିକା*

**ଡକ୍ଟର ସୁବାସିନୀ ଲେଙ୍କା**

ସ୍ୱାତୀ ଭବନ, ଷ୍ଟେସନ ବଜାର, କଟକ - ୭୫୩୦୦୩



*ପ୍ରକାଶକ :*

ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ

ସ୍ୱାତୀ ଭବନ, ଷ୍ଟେସନ ବଜାର, କଟକ - ୭୫୩୦୦୩

*ପ୍ରକାଶ କାଳ :*

ଅକ୍ଷୟ ତୃତୀୟା, ୨୦୦୯

*ମୁଦ୍ରଣ :*

ସତ୍ୟବ୍ରତ ଅଫ୍‌ସେଟ୍

ଟାଉନ୍ ହଲ୍ ରୋଡ୍, କଟକ - ୭୫୩୦୦୯

ମୂଲ୍ୟ : ପଞ୍ଚସ୍ତରୀ ଟଙ୍କା ମାତ୍ର

**JHARAPATRARA SILALIPI**

*Writer :*

**Dr. Subasini Lenka**

Swati Bhawan

Station Bazar, Cuttack - 753003

*Publisher :*

**Er. Dhirendra Kumar Biswal**

Swati Bhawan

Station Bazar, Cuttack - 753003

*First Edition :*

Akshaya Trutiya, 2009

*Printed at :*

**Satyabrata Offset**

Town Hall Road, Cuttack - 9

Price : **Rs.75/-**

# ମୁଖବନ୍ଧ

ସାଧାରଣ ଭାବେ ଝରାପତ୍ରକୁ ଏକ ବେଦନାଗ୍ରସ୍ତ ଅନୁଭବ, ଅବକ୍ଷୟ ତଥା ନୈରାଶ୍ୟର ପ୍ରତୀକ ଭାବେ ବିଚାର କରାଯାଇ ଥାଏ । ହୁଏତ ଏଭଳି ବିଚାରର କିଛିଟା ଯଥାର୍ଥତା ଅଛି । କିନ୍ତୁ ଟିକିଏ ଗଭୀର ଅନୁଧ୍ୟାନରୁ ଜଣାଯିବ ଯେ ଝରାପତ୍ରଟିଏ ହିଁ ଡେଙ୍ଗରେ ଏକ ନୂଆ, ସୁନ୍ଦର କଅଁଳିଆ ପତ୍ରକୁ ସ୍ୱାଗତ କରି ଡାକି ଆଣିଥାଏ । ପୂନର୍ଜନ୍ମକୁ ତ୍ୱରାନିତ କରିଥାଏ । ସୁବାସିନୀଙ୍କ 'ଝରାପତ୍ର' ର ମର୍ମର ହେଉଚି ଏଇ ନୂତନ ସୃଷ୍ଟି ଏବଂ ନୂତନ ଆଶାର ସ୍ୱର । ଅନ୍ୟ ପକ୍ଷରେ, ଦୁଃଖ ଏବଂ ଯନ୍ତ୍ରଣାକୁ ବାଦ୍ ଦେଇ ଜୀବନର ଆନନ୍ଦ କାହିଁ ?

ପୁନଶ୍ଚ, ପାଷାଣରେ ଖୋଦିତ ଲେଖା ବା 'ଶିଳାଲିପି' ସ୍ପଷ୍ଟ ଭାବରେ ତାଙ୍କ ହୃଦୟର ଅନୁଭବ ଏବଂ ଆବେଗର ଗଭୀରତାକୁ ସୂଚାଇ ଥାଏ । ରସାୟନ ବିଜ୍ଞାନରେ ଅଧ୍ୟାପନା ସହିତ ପଲିମର ବିଜ୍ଞାନରେ ନିରବଚ୍ଛିନ୍ନ ଗବେଷଣା ଏବଂ ତତ୍ ସଂକ୍ରାନ୍ତ ଉଚ୍ଚତର ଅନୁଭୂତି ଏବଂ ଜ୍ଞାନ ଆହରଣ ନିମିତ୍ତ ଦେଶ ବିଦେଶ ଭ୍ରମଣ ତାଙ୍କର କାବ୍ୟ ରଚନା ପ୍ରକ୍ରିୟାକୁ ହୁଏତ ସାମୟିକ ଭାବେ ମନ୍ଥର କରିଦେଇଥିଲା । ମାତ୍ର ତାଙ୍କର ଅବଚେତନରେ, ଅନ୍ତଃକରଣରେ କାବ୍ୟିକ ଅନୁଭବର ସ୍ରୋତ ଯେ ଚିର ପ୍ରବାହିତ ଏବଂ ତାଙ୍କର ତୃତୀୟ ନେତ୍ର, ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ପ୍ରତିମୁହୂର୍ତ୍ତରେ ଜୀବନର ବଦଳୁଥିବା ଦୃଶ୍ୟ ପ୍ରତି କିଭଳି ଭାବେ ସଦା ଜାଗ୍ରତ, ତାହା ମୁଁ ତାଙ୍କ ସହିତ ଅନୌପଚାରିକ ଆଳାପ ସମୟରେ ଲକ୍ଷ୍ୟ କରିଚି । ଜାପାନରେ ଧୋବ ଫରଫର ଚେରି ଫୁଲର ଅପରୂପ ଶୋଭା, ଆମେରିକା ରହଣି ସମୟରେ ଏକା ସଙ୍ଗେ ପଲ୍ଲବିଯାଇଥିବା ଧାଡ଼ି ଧାଡ଼ି ମେପୋଲ୍ ଗଛ ଆଉ ନାଏଗ୍ରା ଜଳପ୍ରପାତର ଦୃଶ୍ୟ ବର୍ଣ୍ଣନା କଲାବେଳେ ତାଙ୍କର ମୁଗ୍ଧ ଅନୁଭବ ଏବଂ ବିଭୋର ପଣିଆ ଦେଖି ମୁଁ ନିଜେ ଆଶ୍ଚର୍ଯ୍ୟ ହେଇଯାଇଚି ।

ଈଶ୍ୱର-ଦତ୍ତ କବି ପ୍ରାଣଟିଏ ତାଙ୍କର ଥିଲା । ଠିକ୍ ସେଇମିତି ଅବଧାରିତ ଥିଲା ଏଇଭଳି ଏକ କବିତା ସଂକଳନର ଆତ୍ମ ପ୍ରକାଶ । 'ଝରା ପତ୍ରର ଶିଳା ଲିପି' ଯେ ତାଙ୍କ ସୃଜନ ମାନସର ସବୁଠୁଁ ବଳିଷ୍ଠ ଏବଂ ସଚେତନ ଅଭିବ୍ୟକ୍ତି, ଏହା ନିଃସନ୍ଦେହ ।

ସଂକଳନର ପ୍ରଥମ କବିତା 'ହଜିଲା ସ୍ୱପ୍ନ' । ହଜି ଯାଇଥିବା ସ୍ୱପ୍ନ ଏବଂ ଝରିପଡ଼ି ଥିବା ପତ୍ରର ଭାଗ୍ୟ ଏକାଭଳି ।

ସ୍ୱର ଖୋଜି ଖୋଜି ପାଦ ଥକି ଗଲା<br>
ସ୍ୱପ୍ନର ଢେଉରେ<br>
ଯେତେ ସବୁ ନୂଆ ନୂଆ ଆଶା ଆଉ ସ୍ୱପ୍ନ<br>
ହଜିଗଲା ସକାଳ ଖରାରେ

(ହଜିଲା ସ୍ୱପ୍ନ)

ଉପରଠାଉରିଆ ଭାବେ ଏହା ବିଷାଦର ସଂକେତ ବହନ କରୁଥିଲେ ହେଁ ବାସ୍ତବରେ ଆଶାବାଦ ହିଁ ହେଉଚି କବିତାଟିର ଅନ୍ତଃସ୍ୱର । ସ୍ୱପ୍ନ ହଜେଇ ଥିବା ମଣିଷଟି କେବଳ ସ୍ୱପ୍ନ ଦେଖିବାର ସମର୍ଥ ହୁଏ । ସ୍ୱପ୍ନ ଦେଖିବା, ହଜେଇବା ଏବଂ ଖୋଜିବା ହେଉଚି ପ୍ରତ୍ୟେକ ମଣିଷର ବିଶେଷତଃ ଏକ କବି ପ୍ରାଣର ଚିରନ୍ତନ, ଅସରନ୍ତି ପ୍ରକ୍ରିୟା । ଏଇଥିରେ ସେ ମୁଗ୍ଧ ହୁଏ, ବିଭୋର ହୁଏ । ପ୍ରାପ୍ତିର ଅନ୍ୟ ନାମତ ଅନ୍ୱେଷଣ । ଜୀବନ ତ ଏକ ସ୍ୱପ୍ନ ଏବଂ ଅନ୍ୟ ପକ୍ଷରେ ସ୍ୱପ୍ନ ହିଁ ଜୀବନ । ତାକୁ ବାଦ୍ ଦେଇ ଜୀବନର ସଜ୍ଞା ଖୋଜିବା ଅସମ୍ଭବ ।

ମୋ ମନର ବଗିଚା ଭିତରେ ସ୍ୱପ୍ନ ହଜିଗଲା<br>
ମଲ୍ଲୀ ଆଉ ରଜନୀ ଗଂଧା ବାସ୍ନାରେ<br>
ଏ ଫୁଲରୁ ସେ ଫୁଲକୁ ଉଡୁଥିବା<br>
ଭଅଁରର ଗୁଣୁଗୁଣୁ ତାନରେ<br>
ପ୍ରଜାପତି ଡେଣାରେ ।

(ହଜିଲା ସ୍ୱପ୍ନ)

ଫୁଲର ବାସ୍ନା, ଭଅଁରର ଗୁଣୁଗୁଣୁ ଏବଂ ପ୍ରଜାପତି ଡେଣାର ସ୍ୱପ୍ନ କେବେ ହଜେ ନାହିଁ । ସୃଷ୍ଟିର ଆରମ୍ଭରୁ ଏ ସ୍ୱପ୍ନ ଖେଳି ବୁଲୁଚି ପବନରେ । ଆନନ୍ଦ ଓ ପ୍ରେରଣା ଦେଇ ଚାଲିଚି ମଣିଷକୁ, ଉତ୍‌ଫୁଲିତ କରିଚାଲିଚି କବି ପ୍ରାଣକୁ ।

ସାଂପ୍ରତିକ ସମୟର ଗ୍ଲାନି, ଅସ୍ଥିରତା, ଦ୍ୱନ୍ଦ୍ୱ, ପୀଡ଼ା, ନିଃସଙ୍ଗତା ଏବଂ ପରାଜୟ ସହିତ ମୃତ୍ୟୁ-ଚେତନାର ତୀବ୍ରତା, ଖୁବ୍ ସ୍ୱତଃସ୍ଫୁର୍ତ୍ତ ଭାବରେ ତାଙ୍କ କାବ୍ୟ-

ଚେତନାକୁ ଆଚ୍ଛାଦିତ କରି ପାରିଛି । ସେଥିପାଇଁ ସେ ନିର୍ଦ୍ଦିଷ୍ଟ ଭାବରେ ଉଦ୍ୟମ କରି କୌଣସି ଶୈଳୀ ବା 'ବାଦ'ର ବ୍ୟବହାର କରିବାକୁ ପ୍ରୟାସ କରି ନାହାନ୍ତି । ଇମେଜ୍, ସିଂବଲ୍, ମିଥ୍, ଆଲିଗରି କିମ୍ବା ଭାଷାର ବ୍ୟବହାର ସଂପର୍କରେ ସଚେତନ ହେବାର ଆବଶ୍ୟକତା ଅପେକ୍ଷା ନିଜ ମନର ଭାବ ଏବଂ ହୃଦୟର ଆବେଗକୁ ଖୁବ୍ ସହଜ, ସରଳ, ଗାଉଁଲି ଭାଷା ଏବଂ ସାବଲୀଳ ଢଙ୍ଗରେ ପ୍ରକାଶ କରିବା ଉପରେ ପ୍ରାଧାନ୍ୟ ଦେଇଛନ୍ତି । ରସାୟନ ବିଜ୍ଞାନର ଜଣେ ସଫଳ ଉତ୍ସର୍ଗୀକୃତ ଛାତ୍ର ସେ । କବିତାର ଭାଷା, ଭାବ ଏବଂ ପ୍ରକାଶକୁ ନେଇ ପରୀକ୍ଷା ନିରୀକ୍ଷା ଏବଂ ବାଦ ବିବାଦ ଭିତରକୁ ପଶିବା ପାଇଁ ସେ ପ୍ରବୃତ୍ତ ହେଇନାହାନ୍ତି ।

ଶିଶୁ-ସୁଲଭ ଚପଳତା, ବାଲ୍ୟକାଳର ମଧୁର ସ୍ମୃତି ଏବଂ ଅତୀତକୁ ଫେରି ଯିବାର ଉତ୍ସୁକତା (rostalgia) ରେ ସୁଷମା ମଣ୍ଡିତ ତାଙ୍କର କବିତା 'ସ୍ମୃତିର ଗଣ୍ଠି', 'ଜହ୍ନ ସହ ଗପ', 'କାଗଜ ଡଙ୍ଗା', ରେଭେନ୍ସାରେ ସଂଧ୍ୟା', 'ସ୍ମୃତି' ପ୍ରଭୃତି - ଏଇ ସରଳତାର ସ୍ୱାକ୍ଷର ବହନ କରିବା ସହ ପାଠକ ପ୍ରାଣରେ ଏକ ଅନ୍ତରଙ୍ଗ ସ୍ପର୍ଶାତୁର ଭାବ ସୃଷ୍ଟି କରେ । ଭାଷାର ଚମତ୍କାରିତା କି ଭାବର ତଥାକଥିତ ଦାର୍ଶନିକତା ନାହିଁ, ଅଥଚ ନିମ୍ନୋକ୍ତ ସରଳ ପଂକ୍ତି ସବୁ ଆପେ ଆପେ ମନକୁ ଛୁଇଁ ଯାଏ ।

ଗାଁ ମୁଣ୍ଡ ବରଗଛ ତଳେ
ସବୁଜ ଗାଲିଚା ଉପରେ
ନାଲି ଗୁଲୁ ଗୁଲୁ ସାଧବ ବୋହୁ
କେତେ ମାନ ଅଭିମାନ
କୁଆଁର ପୁନେଇଁ ଜହ୍ନ
ଖିଲି ଖିଲି ହସ

(ସ୍ମୃତିର ଗଣ୍ଠି)

କଇଁ ଓ ଜହ୍ନି ଫୁଲ ସଜା ଚଉରା
ଗୀତରେ ଉଛୁଳୁ ଥିବା ଗାଁ ଦାଣ୍ଡ
ଉଛୁଳୁ ଥିଲା ସେଦିନ ମନ
ବାଡ଼ ବଂଧ ମାନୁ ନଥିଲା ।

(ଜହ୍ନ ସହ ଗପ)

ସୁଦୀର୍ଘ ଦେବଦାରୁ ହଜିଯାଏ
ଚିଁ ଚାଁ ଶବ୍ଦ ଶୁଭେ ପକ୍ଷୀ ଦମ୍ପତିର ।
ସନ୍ ଡାଏଲ୍ ଧାରେ ଧାରେ
ଏମିତି ଏକ ସଂଧ୍ୟାରେ

(ରେଭେନ୍ସାରେ ସଂଧ୍ୟା)

ଖାଲି ସ୍ନେହ ଦରଦରେ
ଭାରି ମୋର ଡଙ୍ଗା
କେଉଁ ଦିନ ପହଁଚିବ ଆଖି ପାଏ ନାହିଁ
କିନ୍ତୁ ଦିନେ ନିଶ୍ଚେ ପହଁଚିବ
ଏ ଆଶା ହାରିନି ।

(କାଗଜ ଡଙ୍ଗା)

ବିଭୂ-କୃପା ଲାଭ ନିମିତ୍ତ ତାଙ୍କ ପ୍ରାଣର ବ୍ୟାକୁଳତା ଏବଂ ଏଇ କୃପାରୁ ବଂଚିତ ହେଉଥିବାରୁ ମନରେ ଅଭିମାନ, ଅସହାୟତା ଏବଂ ବିଶ୍ୱ ସ୍ରଷ୍ଟା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସୃଷ୍ଟିର ରହସ୍ୟ ବୁଝିବାରେ ବିନମ୍ର ଭାବରେ ନିଜର ଅକ୍ଷମତା ପ୍ରକାଶ, ତାଙ୍କର କାବ୍ୟ ମାନସରେ ପ୍ରତିଫଳିତ ହେଇଚି । 'ଯନ୍ତ୍ରୀ, ମହାନ୍ ତୁମେ', 'ତୁମକୁ ନିମନ୍ତ୍ରଣ', 'ହସ୍‌ପିଟାଲ୍‌ରେ ତୁମେ', 'ତୁମ ଛାଇ ପଡ଼େ', 'ଅର୍ପଣ', 'ମୋ' ପ୍ରଭୁକୁ ପଦୁଟିଏ', 'ତୋତେ ମୋର ପ୍ରଶ୍ନ', 'ଶିଳାଲିପିର ଇତିକଥା' ପ୍ରଭୃତି କବିତାଗୁଡ଼ିକ ଏଇ ସାଲବେଗୀୟ ଭାବ ଏବଂ ମୀରାବାଈ-ଆବେଗର ଚିତ୍ର ପ୍ରଦାନ କରେ ।

ନୈବେଦ୍ୟର ମହମହ ବାସ୍ନାରେ
ଭରିଯାଏ କୋଠରି
ଓହ୍ଲାଇ ଆସ ତୁମେ
ତୁମ ରତ୍ନ ସିଂହାସନରୁ...

(ତୁମ ଛାଇ ପଡ଼େ)

ପହୁଡ଼ ପଡ଼ିଚି
ଅପେକ୍ଷା କରିବି

(ଅର୍ପଣ)

ଶୁଆ ଦେହେ ଖଂଜି ଦେଲ ଶାଗୁଆ ପରକୁ
ରଙ୍ଗ ବେରଙ୍ଗର କଲ ପ୍ରଜାପତି
ଭଅଁରକୁ କଲ କଳା
ନାଲି ପାଟ ପିନ୍ଧିଇଲ ସାଧବ ବୋହୂକୁ
କେମିତି ଗଢ଼ିଲ
କାହା ପ୍ରେରଣାରେ
ଅନେକ ପ୍ରଶ୍ନ
ଇଚ୍ଛା ହୁଏ ତୁମକୁ ପଚାରିବାକୁ

(ଯନ୍ତ୍ରୀ ତୁମେ ମହାନ୍)

କଳା, ସୌନ୍ଦର୍ଯ୍ୟ ଏବଂ ପ୍ରକୃତିକୁ ନିବିଡ଼ ଭାବେ ଭଲ ପାଇଥିବା ସୁବାସିନୀଙ୍କର ପ୍ରକୃତି ପ୍ରବଣତା ସ୍ପଷ୍ଟ ଭାବେ ବାରି ହୋଇ ପଡ଼େ ତାଙ୍କର 'ଘାସ ଫୁଲ', 'ତାପ୍ତି ନଦୀ କୂଳେ ଦୁଇ ଦିନ', 'ବସନ୍ତ କବିତା' ପ୍ରଭୃତି ଅନେକ କବିତାରେ ।

ଆଉ ଥରେ ପାଇବି ମୁଁ ତୋତେ
ତୋ' ପବନ ଦେହେ ମୋର
ହଳଦୀ ଚଂଦନ
ଆତ୍ମହରା ହେବି ସବୁକୁ ମୁଁ ଭୁଲି
ତୋତେ ହିଁ ପାଇବି ।

(ତାପ୍ତି ନଦୀ କୂଳେ ଦୁଇଦିନ)

ବସ୍ତୁବାଦୀ ସଭ୍ୟତାର ବିକାଶ ସାମ୍ନାରେ ମଣିଷର ଦୈନ୍ୟ ଏବଂ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଦେଖି ତାଙ୍କର କାବ୍ୟ-ମାନସ ଅସ୍ଥିର ଅନୁଭବ କରିଚି । ଶକ୍ତିଶାଳୀ ଚିତ୍ର ମାଧମରେ ସମୟର ଏଇ ପରାଜୟ ପାଇଁ ସେ କ୍ଷୋଭ ପ୍ରକାଶ କରିଛନ୍ତି । 'କଟକ : ସକାଳ', 'କ୍ଷୁଧା' ପ୍ରଭୃତି କବିତା ଏହାର ଉଦାହରଣ ।

ଦିନକୁ ଦିନ ରାସ୍ତାରେ ଆଉ
ଡିବି ଲଗା ଆଲୁଅ ନାହିଁ
ଏଠି ସେଠି ଫ୍ଲଡ୍ ଲାଇଟର ଖୁଣ୍ଟି
ତଥାପି ଚୋରି ଡକାୟତି
ଦିନ ଦ୍ୱିପ୍ରହରେ ।

x x x

ବେଳେ ବେଳେ ଦୃଷ୍ଟି ପଡ଼େ
ରାସ୍ତା କଡ଼ରେ
ପୁଟୁଳି ଉପରେ ମୁଣ୍ଡ ରଖି
ଶୋଇଥିବା ପଥିକ ଉପରେ ।

(କଟକ : ସକାଳ)

'ଏଇଟି ମୋ ଶେଷ ଚିଠି' ଏବଂ 'ସୁନ୍ଦର ପୃଥିବୀ ଛାଡ଼ି ଗଲା ପରେ' ପ୍ରଭୃତି କବିତାମାନଙ୍କରେ ମୃତ୍ୟୁ-ଚେତନ ଏବଂ ତଜ୍ଜନିତ ବେଦନାବୋଧ ଖୁବ୍ ସୁସ୍ପଷ୍ଟ ।

ଏପଟେ କୋଳାହଳ
ଯେତେ ସବୁ ପ୍ରିୟଜନ
ସେପଟେ ବିରାଟ ଶୂନ୍ୟ

(ସୁନ୍ଦର ପୃଥିବୀ ଛାଡ଼ି ଗଲାପରେ)

ମୋଟ ଉପରେ 'ଝରାପତ୍ରର ଶିଳାଲିପି'ର ପ୍ରତ୍ୟେକଟି ପୃଷ୍ଠା ବହୁବିଧ ସ୍ମୃତିରେ ପଲ୍ଲବିତ । କୁଆଁର ପୁନେଇ ଜହ୍ନ, ଗାଁ ଦାଣ୍ଡର ପୁଚି ଖେଳ ଏବଂ ଜେଜେ ମା'ଙ୍କର ପାଠ ପଢ଼ାଇବାର ଜିଦ୍ ଠାରୁ ଆରମ୍ଭ କରି କୈଶୋର, ଯୌବନ, କର୍ମମୟ ଅଧାପିକା ଜୀବନ, ବାପାଙ୍କ ସ୍ୱପ୍ନ ପ୍ରତି ଅଙ୍ଗୀକାର ବଦ୍ଧତା, ପୁଣି ତାଙ୍କ ଶେଷ ନିଃଶ୍ୱାସର ଶବ୍ଦ ଶୁଣି ପାରିନଥିବାର ଅବଶୋଷ ପର୍ଯ୍ୟନ୍ତ ଅନେକ ଦୁଃଖ ସୁଖର ଅନୁଭୂତିକୁ ଖୁବ୍ ପରିଚ୍ଛନ ଭାବରେ ପଥରରେ ଖୋଦେଇ କରି ରଖିବାକୁ ସେ ପ୍ରୟାସ କରିଛନ୍ତି । 'ଝରାପତ୍ରର ଶିଳାଲିପି'ର ଜନ୍ମ ଏଇ ପ୍ରୟାସରୁ । ବ୍ୟକ୍ତିଗତ ଅନୁଭୂତି ସବୁକୁ ସେ ସଫଳତାର ସହିତ କଳାତ୍ମକ ଭାବରେ ସାର୍ବଜନୀନ କରିପାରିଛନ୍ତି । ସଂକଳନଟି ପାଠକୀୟ ଆଦର ଏବଂ ସ୍ୱୀକୃତି ଲାଭ କରିବ ବୋଲି ଆଶା କରିବା ସ୍ୱାଭାବିକ ।

ନିତ୍ୟାନନ୍ଦ ନାୟକ

# ଆତ୍ମନେପଦୀ

ଭୂଇଁ ଉପରେ ବନମାଟି ଲେସି ତା' ଉପରେ ଲେଖିବାର ସମୟରେ ମୋ ଜେଜେ ମା'ଙ୍କର ଜନ୍ମ । ଆସ୍ତେ ଆସ୍ତେ କାଗଜ ମିଳିଲା ବଜାରରେ । ସବାରିରେ ଚଢ଼ି ଜେଜେମା' ଗଲେ ୬ କି.ମି. ଦୂର ଏକ ବିଦ୍ୟାଳୟକୁ ବୃତ୍ତି ପରୀକ୍ଷା ଦେବା ପାଇଁ । ମାସିକ ଦୁଇଟଙ୍କା କରି ବୃତ୍ତି ପାଇଲେ ଯାହା କି ତାଙ୍କ ବିବାହ ପରେ ମଧ୍ୟ ମୋ' ଜେଜେ ବାପା ଆଣିବାକୁ ଯାଉଥିଲେ । ଜେଜେମା'ଙ୍କର ଏ କାହାଣୀ ପାଠ ପଢ଼ିବା ପାଇଁ ମୋତେ ପ୍ରଭାବିତ କଲା । ପିଲା ଦିନରୁ ପ୍ରବନ୍ଧ ଲେଖିବା, ତର୍କରେ ଭାଗନେବା, ପାଠ ପଢ଼ାରେ ନିମଗ୍ନ ହେବା ଇତ୍ୟାଦି ପାଇଁ ପ୍ରେରଣା ପାଇଲି ମୋ ବାପାଙ୍କ ଠାରୁ । ବାରମ୍ବାର 'ହିଁ' 'ନାହିଁ' ଭିତରେ ମୋର ଅଧ୍ୟୟନ ସରିଲା । ଲୁଚି ଲୁଚି ଉପନ୍ୟାସ ପଢ଼ିବାର ନିଶା ମଧ୍ୟ ଥିଲା । ତା'ପରେ ଆରମ୍ଭ ହେଲା ମୋର ଅଧ୍ୟାପନା ସମୟ । ଅଧ୍ୟାପନା ସହିତ ଜୀବନର ସତେଜ ସମୟତକ କଟାଇଲି ବିଜ୍ଞାନାଗାରରେ । ରାସାୟନିକ ପଦାର୍ଥର ଗନ୍ଧ ମୋ ଚାରିପଟେ ଏକ ରହସ୍ୟର ବଳୟ ସୃଷ୍ଟି କଲା । ତାହା ଭିତରୁ ବାହାରି ଆସି ମନଟାକୁ ଟିକିଏ ରସାଳିଆ କରିବାର ଅବକାଶ ମୋର ନଥିଲା । ପୂର୍ଣ୍ଣମାତ୍ରାରେ ମୁଁ ଲୀନ ହୋଇ ଯାଇଥିଲି ଦେଶ ବିଦେଶର ବିଜ୍ଞାନାଗାରରେ - ଦ୍ୟବ ଓ ଦ୍ରାବକ ଭିତରେ । ଚାକିରି ସରିସରି ଆସିଲା । ବିଜ୍ଞାନାଗାର ମଧ୍ୟ ମେଲାଣି ମାଗିଲା । ବଂଧୁ ଓ ପରିବାର ବର୍ଗଙ୍କର ପ୍ରେରଣା ମୋତେ ଠେଲି ଦେଲା ରଙ୍ଗ ବେରଙ୍ଗ ଦୁନିଆ ଭିତରକୁ । ମନ ଭିତରେ ବାରମ୍ବାର ଉଙ୍କି ମାରିଲା କେତେ ଅନୁଭୂତି, କେତେ କଳ୍ପନା ଆଉ କେତେ ବାସ୍ତବତା । ସେଗୁଡ଼ିକୁ ଗୋଟେଇ ଆଣିଲି । ଏଣୁ ତେଣୁ ଦୁଇ ଧାଡ଼ି ଲେଖି ଦେଇ କେଉଁଠି କେମିତି ଗୁଞ୍ଜି ଦେଲି ସେ କାଗଜ । ବେଳେ ବେଳେ ସଭା ସମିତିରେ କିଛିଟା ଅନୁଭୂତି ଓ କିଛିଟା କଳ୍ପନାର ରୂପରେଖ କବିତା ମାଧ୍ୟମରେ ଉପସ୍ଥାପନ କଲି । ଶ୍ରୋତା ବନ୍ଧୁମାନଙ୍କର ପ୍ରସଂଶା ମୋର ପ୍ରେରଣାର ଉତ୍ସ ହେଲା । ଖାଲି ସେତିକି ନୁହଁ - ଅସୁସ୍ଥମନ ଓ ଅସୁସ୍ଥ ସମୟ କବିତା ଲେଖିବା ପାଇଁ ମୋତେ ଖାଦ୍ୟ ଯୋଗାଇଲା । ସୃଷ୍ଟିର ସତ୍ୟତା ଏବଂ ଜୀବନର ନିଷ୍ଠୁର ବାସ୍ତବତା ବେଳେବେଳେ ବ୍ୟଥିତ କଲା । ଓଜନିଆ ମନକୁ ହାଲକା କରିବା ପାଇଁ ଆପେ ଆପେ ମୋ କଲମରୁ ଝରି ପଡ଼ିଲା କେତେ ବୁନ୍ଦା କାଳି । ପ୍ରଜାପତିର ରଙ୍ଗବେରଙ୍ଗର ଡେଣା, ମଲ୍ଲୀର ମହକ, ନାଉରୀଆର ମନମତାଣିଆ ଗୀତ, ରୂପେଲି ଚଦରରେ ମୁହଁ ଲୁଚାଉ ଥିବା ପୃଥିବୀ, ସମୁଦ୍ରର ଢେଉ ମୋତେ ବିଭୋର କଲା । ଏଇ ସୁନ୍ଦର ପୃଥିବୀଟା ଛାଡ଼ି ଯିବାର ଦୃଶ୍ୟ ମୋତେ ଉଦାସ କଲା । ଏ ସବୁରୁ ଜନ୍ମ ହେଲା ମୋର କବିତା ଲେଖିବାର ନିଶା । ଏଣେ ତେଣେ ଫୋପାଡ଼ିଥିବା କବିତାଗୁଡ଼ିକୁ ସାଉଁଟି ଆଣିଲି । ମୋ ସ୍ୱାମୀଙ୍କର, ପିଲାମାନଙ୍କର ଓ ବଂଧୁମାନଙ୍କର ଇଛା ସାଉଁଟି ଆଣିଥିବା କବିତାଗୁଡ଼ିକ ସଯତ୍ନରେ ରଖାଯାଉ । ମନଭିତରେ ''ଝରାପତ୍ରର ଶିଳାଲିପି'' ଉଙ୍କି ମାରିଲା । ଯାହା କିଛି ମୋର ଅନୁଭୂତି, କଳ୍ପନା ଓ ବାସ୍ତବତାକୁ ଫେଣ୍ଟା ଫେଣ୍ଟି କରି ''ଝରାପତ୍ରର ଶିଳାଲିପି''ରେ ସ୍ଥାନ ଦେଲି, ପାଠକ ବଂଧୁମାନେ ସେ ସବୁକୁ ପଢ଼ିବେ ବୋଲି ମୋର ଆଶା ।

*ଲେଖିକା*

ଅକ୍ଷୟ ତୃତୀୟା
୨୦୦୯

# ସୂଚିପତ୍ର


| | |
|---|---|
| ହଜିଲା ସ୍ୱପ୍ନ | ୧ |
| ସମୟ | ୩ |
| ଯନ୍ତ୍ରୀ ତୁମେ ମହାନ | ୫ |
| କଟକ : ସକାଳ | ୮ |
| କ୍ୟାନସର | ୧୧ |
| ସ୍ମୃତିର ଗଣ୍ଠି | ୧୩ |
| ଜହ୍ନ ସହ ଗପ | ୧୫ |
| ସନ୍ଧ୍ୟା ଦର୍ଶନ | ୧୭ |
| ସୁନ୍ଦର ପୃଥିବୀ ଛାଡ଼ିଗଲା ପରେ | ୧୮ |
| ମୋ ଆଖିରେ ତୁମେ | ୨୦ |
| ତୁମକୁ ନିମନ୍ତ୍ରଣ | ୨୨ |
| କୁହୁକ ରାସ୍ତା | ୨୫ |
| ମୁଁ ଗୋଟିଏ ମଣିଷ | ୨୭ |
| ବାଦୁଆ ବାଦଲ | ୨୯ |
| ବଙ୍କା ସିଧା ଗାର | ୩୧ |
| ବସନ୍ତ କବିତା | ୩୩ |
| ଆସିବ ନିଶ୍ଚୟ | ୩୫ |
| ହସ୍‌ପିଟାଲରେ ତୁମେ | ୩୭ |
| ପଥର ପ୍ରତିମା | ୩୯ |
| ଫୁର୍‌କିନା ଉଡ଼ିଗଲା | ୪୧ |
| ଫୁଲ କହେ | ୪୩ |
| ଯାହା ସବୁ ସପନ ଆଜିର | ୪୫ |
| ତୁମ ଛାଇ ପଡ଼େ | ୪୭ |
| ପରିଚୟ | ୪୯ |
| ଭଂଗା ଦେହ | ୫୧ |
| ନଈଁ ଗଲା ପରେ | ୫୨ |
| ତୁମେ ଚାଲିଗଲା ପରେ | ୫୩ |
| ନୂଆବର୍ଷ | ୫୫ |
| ରୋତାଙ୍ଗ ଯାତ୍ରା | ୫୭ |
| ଅଭିମାନ | ୫୯ |
| ଫୋନରେ ହସ | ୬୨ |
| ଭୁଲ | ୬୩ |
| ଘାସଫୁଲ | ୬୪ |
| ତାପ୍ତୀ ନଦୀ କୂଳେ ଦୁଇଦିନ | ୬୬ |
| ଦେଖିନି ମୁଁ | ୬୮ |
| ମୋ ପ୍ରଭୁଙ୍କୁ ପଦୁଟିଏ | ୭୦ |
| କ୍ଷୁଧା | ୭୨ |
| ମହୋଦଧି ତୀରେ | ୭୩ |
| ସ୍ୱର୍ଶ | ୭୪ |
| ଏଇଟି ମୋ ଶେଷ ଚିଠି | ୭୫ |
| କାଗଜ ଡଙ୍ଗା | ୭୬ |
| ରେଭେନ୍ସାରେ ସନ୍ଧ୍ୟା | ୭୭ |
| ବର୍ଷା | ୭୯ |
| ନିଶ୍ଚୟ ଆସିବୁ | ୮୧ |
| ଅର୍ପଣ | ୮୪ |
| ନିଦ୍ରା | ୮୭ |
| ସମୀକ୍ଷା | ୮୯ |

| | |
|---|---|
| ଟୋପାଏ ଲୁହ | ୯୧ |
| ଶତାବ୍ଦୀର ନୂଆ ସୂର୍ଯ୍ୟ | ୯୩ |
| ବିଳାପ | ୯୫ |
| ମୁଦଦିଆ ଲଫାପା | ୯୭ |
| ନିର୍ଜନତା | ୯୯ |
| ସ୍ୱପ୍ନ ଯଦି ସତ ହୁଏ | ୧୦୦ |
| ଆତ୍ମବିକାର | ୧୦୨ |
| ଜୀର୍ଣ୍ଣ ପୃଷ୍ଠା | ୧୦୪ |
| ଗୁଣ୍ଡିଚା ଯାତ୍ରା | ୧୦୬ |
| ତୋତେ ମୋର ପ୍ରଶ୍ନ | ୧୦୮ |
| ପାଣିଚିଆ | ୧୦୯ |
| ସ୍ମୃତି | ୧୧୧ |
| ଶିଳାଲିପିର ଇତିକଥା | ୧୧୩ |


❋

# ହଜିଲା ସ୍ୱପ୍ନ

ସୁନ୍ଦର ସ୍ୱପ୍ନଟା ହଜିଗଲା
ଫଗୁଣର ଆସର ଭିତରେ
ଫଗୁବୋଳା ରାଧାକୃଷ୍ଣ ପ୍ରେମରେ
କୋଇଲିର କୁହୁତାନ
କୃଷ୍ଣଚୂଡ଼ା ରଙ୍ଗରେ ।

ସ୍ୱପ୍ନଟା ହଜିଗଲା
ଚଲାବାଦଲ ଫାଙ୍କରେ
ରୂପେଲି ଜହ୍ନର
ଓଢ଼ଣି ଭିତରେ
ତାରାମାନଙ୍କର
ଫିକ୍‌ଫିକ୍ ହସରେ
ନୀଳ ଆକାଶର
ଖୋଲା ମେଲା ଛାତିରେ ।

ସ୍ୱପ୍ନଟା ହଜିଗଲା
ଇନ୍ଦ୍ରଧନୁର ସାତ ରଙ୍ଗରେ
ଏବଂ ସେ ରଙ୍ଗରେ ଉବୁଟୁବୁ
କିଶୋରୀ ଗଭାରେ
ଫଗୁଣ ପବନରେ
ଫରଫର ଉଡୁଥିବା
ତା ପଣତ କାନିରେ
ତା ମନର ମଣିଷ ଭିତରେ ।





ସ୍ୱପ୍ନ ହଜିଗଲା
ଦରୋଟି ଭାଷାରେ
ଟିକିଟିକି ପାଦ ଆଉ
ଗୋଟି ଗୋଟି ଚାଲିବା ଭିତରେ
ପଡ଼ି ଉଠି ଚାଲିବାର ପ୍ରୟାସ
କାନି ଧରି
ମିଛି ମିଛି କାନ୍ଦିବା ଆଳରେ ।

ସ୍ୱପ୍ନ ହଜିଗଲା
ମୋ ମନର ବଗିଚା ଭିତରେ
ମଲ୍ଲୀ ଆଉ ରଜନୀଗନ୍ଧା ବାସ୍ନାରେ
ଏ ଫୁଲରୁ ସେ ଫୁଲକୁ
ଉଡୁଥିବା ଭଅଁରର
ଗୁଣୁଗୁଣୁ ତାନରେ
ପ୍ରଜାପତି ଡେଣାରେ ।

ସ୍ୱପ୍ନ ହଜିଗଲା
ନଇଁନଇଁ ଚାଲୁଥିବା
ବୃଦ୍ଧର ତାତି ନିଃଶ୍ୱାସରେ
ତାର ସେ ଭିକମଗା ଝୁଲିରେ
ଦଶଟି ପଇସା ଆଉ
ଦୁଇ ମୁଠା ଚାଉଳ ଭିତରେ ।

ସ୍ୱପ୍ନକୁ ଖୋଜି ଖୋଜି
ପାଦ ଥକିଗଲା
ସ୍ୱପ୍ନର ଢେଉରେ
ଖୋଜିବାର ଆନନ୍ଦ ଲିଭିଲା
ରାତ୍ରି ସରିଗଲା
ଯେତେ ସବୁ ନୂଆ ନୂଆ ସ୍ୱପ୍ନ
ହଜିଗଲା ସକାଳର କଅଁଳ ଖରାରେ ।

## ସମୟ

ତୁମେ ଏକ, ଅଥଚ
ରୂପ ଅନେକ
ମନେ ହୁଏ
ଗତି ତୁମର ଧୀର
ଯଦିଓ ବେଳେ ବେଳେ କ୍ଷୀପ୍ର ।

ମିଠା ମିଠା ଅନୁଭୂତି
ପିତା ପିତା ଭାବ
ଦୁର୍ବିସହ ଯନ୍ତ୍ରଣା
ଏମିତି କେତେ କ'ଣ
ବାଣ୍ଟିଛ ଓ ବାଣ୍ଟୁଛ ।

ସୁନ୍ଦର କଅଁଳିଆ ସକାଳ
ଶୀତଳ ଓ ହାଲ୍‌କା ପବନ
ମଧ୍ୟାହ୍ନର ପ୍ରଚଣ୍ଡ ରୌଦ୍ର ଓ
ତତଲା ନିଶ୍ୱାସ
ସନ୍ଧ୍ୟାର ଅବିରବୋଳା ଆକାଶ
ପୁଣି ରାତ୍ରିର ଘନ ଅନ୍ଧାର
ଅବା ରୂପେଲି ଚଦରପରା ପୃଥିବୀ
ଏସବୁ ଦେଇଛ ଓ
ଦେଇ ଚାଲିଛ ।

ଟିକିଏ ରହିଯାଅ
କହିକହି ଥକି ପଡ଼େ ମନ





ବେଳେବେଳେ
ଦୁଆରଟା ଖୋଲି ଦେଇ
ଠେଲି ଠେଲି
ଡେଇଁ ଦେଲେ ବନ୍ଧ
ତୁମ ଗତି ବଦଳେନି
ତୁମେ ଏକ ଲୟରେ
ଏକ ଧାର୍ଯ୍ୟ ବେଗରେ
ଆଗକୁ ଆଗକୁ
ପାଦ ପକାଉଥାଅ
ଭିନ୍ନ ରୂପରେ
ଭିନ୍ନ ସ୍ୱାଦରେ ।

## ଯନ୍ତ୍ରୀ ତୁମେ ମହାନ୍

ତୁମେ ଖାଲି ସୃଷ୍ଟିକର୍ତ୍ତା ନୁହଁ
ତୁମେ ଏକ ଭାବୁକ
ତୁମେ ବି ଚିନ୍ତକ
ଦରଦରେ ଭରା
ତୁମ ହୃଦୟ
ରଙ୍ଗରେ ରଙ୍ଗିନ୍
ତୁମ ସୃଷ୍ଟି
ସବୁକୁ କରିଛ
ତୁମେ ବିଜୟ ।

ସୃଷ୍ଟି କଲ ମହୁମାଛି
ଶ୍ରେଷ୍ଠ ବିନ୍ଧାଣୀଟିଏ
ଗଢ଼ିଗଲା କୋଠରୀ
ସଠିକ୍ ମାପଚୁପରେ ।
ଏ ଫୁଲରୁ ସେ ଫୁଲକୁ ଉଡ଼ି
ଗୋଟେଇଲା ମହୁ
କୋଠରୀ ପୁରିଲା
କେତେଟା ଦିନ ଚାହୁଁ ଚାହୁଁ ।

ବାୟାକୁ ଶିଖାଇଲ
ବସାଟିଏ ଝୁଲାଇବା ପାଇଁ
ବାଆ ବତାସକୁ
ତାର ଡର ନାହିଁ
ଦୁଆର ମୁହଁରେ





ଦିଶୁଥାନ୍ତି ଯୁଗଳ ମୂରତି
ଥିରିଥିରି ପବନରେ
ଦୋଳି ଖେଳୁଥାନ୍ତି ।
ହେ ମହାନ ଯନ୍ତ୍ରୀ
ବାଢ଼େ ମୁଁ
ତୁମ ପାଇଁ ପ୍ରଣତି ।

ଯେତେ ସବୁ
କଳା ଲେସି ଦେଲ
କୋଇଲି ଦେହରେ
ହଳଦୀ ବସନ୍ତ କଲ
ହଳଦିଆ କରି
ମୟୂର ପୁଚ୍ଛରେ
ଆଙ୍କି ଦେଲ
କୃଷ୍ଣ ଚନ୍ଦ୍ରିକା
ବକକୁ ଗଢ଼ିଲ ତୁମେ
ଶୁଭ୍ର ଜ୍ୟୋସ୍ନା କରି
ଶୁଆ ଦେହେ
ଖଞ୍ଜି ଦେଲ ସାଗୁଆ ପରକୁ
ରଙ୍ଗ ବେରଙ୍ଗର
କଲ ପ୍ରଜାପତି
ଭଅଁରକୁ କଲ କଳା
ନାଲି ପାଟ ପିନ୍ଧାଇଲ
ସାଧବ ବୋହୂକୁ ।
ହେ ସ୍ରଷ୍ଟା
ପ୍ରଣତି ଜଣାଏ ତୁମକୁ ।

କାକତୁଆ
ହରି ନାମ ଜପେ

କୋଇଲିର କୁହୁତାନ
ପାହାନ୍ତି ସ୍ୱପ୍ନରେ ମିଶେ
ଝିଟିପିଟି ସତ କହେ
ଟପଟପ ବର୍ଷା ରାତିରେ
ବେଙ୍ଗୁଲିର କଟର କଟର ଶବ୍ଦ
ନେଇଯାଏ ବାଡ଼ିପଟ
ସାରୁ କିଆରିକୁ
ପିଢ଼ାରେ କାଉର
କା କା ଡାକ
ପଡ଼ିଶା କୁକୁଡ଼ାର ରାବ
ହଜାଇ ଦିଏ
ସକାଳ ସ୍ୱପ୍ନକୁ ।

ଏମିତି ଅନେକ ସୃଷ୍ଟି
ତୁମେ କରିଛ
ତୁମ ବିନ୍ଧାଣୀପଣରେ
କେମିତି ଭାବିଲ
କେମିତି ଗଢ଼ିଲ
କାହା ପ୍ରେରଣାରେ ।

ଅନେକ ପ୍ରଶ୍ନ
ତୁମକୁ ପଚାରିବାକୁ
ଇଚ୍ଛା ହୁଏ
ତୁମେ ଯେ ଅଦୃଶ୍ୟ
ସଭିଙ୍କ ନମସ୍ୟ ।





## କଟକ : ସକାଳ

କଟକ ରହିଛି
ରହିବ ମଧ୍ୟ
ପରମ୍ପରା ବଦଳୁଛି
ଦିନକୁ ଦିନ
ରାସ୍ତାରେ ଆଉ
ଡିବି ଲଗା ଆଲୁଅ ନାହିଁ
ଏଠି ସେଠି
ଫ୍ଲଡ୍ ଲାଇଟ୍‌ର ଖୁଣ୍ଟି
ତଥାପି ଚୋରି ଡକାୟତି
ଦିନ ଦ୍ୱିପ୍ରହରେ ।

ରାତି ନ ପାହୁଣୁ
ପ୍ରଭାତ ପଥିକ
ଚାଲିଥାନ୍ତି ଦଳ ଦଳ ହୋଇ
ଷ୍ଟେସନରୁ ଛୁଟେ ଅଟୋ ରିକ୍ସା
ପେଁ ପାଁ କରି ।
ପରୀକ୍ଷାର୍ଥୀ ଧାଡ଼ି ଧାଡ଼ି
ଓହ୍ଲାନ୍ତି ଟ୍ରେନରୁ
କାନ୍ଧରେ ଝୁଲୁଥାଏ ବ୍ୟାଗ
ଚାଲିଥାନ୍ତି ମାଳ ମାଳ ହୋଇ
କେତେ ଯେ ହୀନସ୍ତା
ପେଟ ଚାଖଣ୍ଡକ ପାଇଁ ।

ଦୁର୍ଗନ୍ଧରେ ଫାଟିପଡ଼େ
ସୁଲଭ ସୌଚାଳୟ
ଗହଳି ଓ ଲୋକଭିଡ଼
ହାତରେ ଚା ଗ୍ଲାସ
ଚା ବାଲା ପାଖେ ଭିଡ଼
ରାସ୍ତା ପାଖ ଚା ବାଲା
ରୋଜଗାର ଭଲ
ଇଡ୍‌ଲି ସମ୍ବରର ବାସ୍ନା
ଟାଣିନିଏ ଲୋକଙ୍କୁ
ରାସ୍ତା କଡ଼କୁ
ନାଳ ନର୍ଦ୍ଦମାକୁ
ଖାତିର ନକରି
ଭୋକିଲା ପେଟଟା
ଆଶ୍ୱସ୍ତ ହୁଏ
ପେଟ ଭରି ଯାଏ ।

ବେଳେ ବେଳେ ଦୃଷ୍ଟି ପଡ଼େ
ରାସ୍ତାକଡ଼ରେ
ପୁଟୁଳି ଉପରେ ମୁଣ୍ଡ ରଖି
ଶୋଇଥିବା ପଥିକ ଉପରେ
ଉପରେ ଆକାଶ
ତଳେ ମା ବସୁଧା
ଘୁଙ୍ଗୁଡ଼ି ମାରେ ସେ
ଖୁବ୍ ନିରାପଦରେ
ଝାଡୁଦାର ସଫାକରେ
ଶାଳପତ୍ର





ରାସ୍ତାର ଦୁଇ କଡ଼ରେ ଜମିଥିବା
ଗୁପ୍‌ଚୁପ୍ ଆସରରେ ।

ମନ୍ଦିର ଦୁଆର ଖୋଲେ
ବାସି ଫୁଲ ଫିଙ୍ଗା ହୁଏ
ପେଟ ଚାଖଣ୍ଡକ ପାଇଁ
ଭିକାରୀଙ୍କ ଧାଡ଼ି ବସେ
ମନ୍ଦିର ଦୁଆରେ
'ବାବୁ' - 'ମା' ଚିତ୍କାର
ଶୁଭୁଥାଏ
ବାର ଅବାରରେ ।

## କ୍ୟାନ୍‌ସର

ରାତ୍ରିର ବୟସ ବଢୁଥାଏ
ଅଥଳ ପାଣି ଭିତରେ
ମୁକ୍ତା ଖୋଜୁ ଖୋଜୁ
ପଞ୍ଜରା ଥରାଇ
ଆସୁଥିବା ତତଲା ନିଶ୍ୱାସ
ଦେହରେ ବାଜୁଥାଏ ।

ଅନ୍ଧାର ଭିତରେ
ଅନେକ ଖୋଜିଲା ପରେ
ସର୍ବାଙ୍ଗ ଶରୀର ଭରା
ପୁଟୁଳିଟିଏ ଉପରେ
ଆଖି ପଡ଼ିଯାଏ ।
ଜାଣିବାକୁ ଇଚ୍ଛା ହୁଏ
ଚିହ୍ନିବାକୁ ମନ କହେ
ଏ ଦୁନିଆରେ
ସେ ମଣିଷଟି କିଏ ।

କ୍ୟାନ୍‌ସର କୋଷ
ତା ମନକୁ ଘେରିଗଲାପରେ
ସବୁକିଛି ଶେଷ ହେଲାପରେ
ବଂଚିବାର ଲୋଭ
ସେ ସାଇତି ରଖିଛି
ଶୀତଳ ସୂର୍ଯ୍ୟକୁ ଅପେକ୍ଷା କରିଛି ।





ଖଣ୍ଡିଏ ଛିଣ୍ଡା କନାରେ
ପୁଟୁଳିଟିଏ ହୋଇ
ସେଇଠି ସେ ରାସ୍ତାକଡ଼ରେ
ରାତି କଟାଉଛି ।
ରାତିର ବୟସ ବଢୁଛି
ଦିନର ବୟସ ଛିଡୁଛି
ତା' ବୟସର ମାଇଲ ଖୁଣ୍ଟି
ସ୍ଥିର ହୋଇ ରହିଛି ।

ରାତ୍ରିର ମୃତ୍ୟୁପରେ
ନାଲି ସୂର୍ଯ୍ୟ ବାରମ୍ବାର ଜନ୍ମୁଛି
ସକାଳର କାଆ କାଆ ଡାକ
ଆଖିର ନିଦକୁ କାଢ଼ି ନେଉଛି
ସେମିତି ତା ତତଲା ନିଶ୍ୱାସ
ଛିଣ୍ଡା ପୁଟୁଳି ଭିତରୁ ବାହାରି
ହାଲକା ପବନରେ ମିଶୁଛି
ଯିବା ଆସିବା ଲୋକଙ୍କର
ଥରେ ଥରେ ଆଖି ପଡ଼ି ଯାଉଛି ।

# ସ୍ମୃତିର ଗଣ୍ଠି

କାଚ ଦୁଆରର କାଳି
ସରିଗଲା ପରେ
ଲେଖିଗଲି ଯେତେସବୁ ବାକୀଥିଲା
ସେଦିନ ଏ ଦିନର କଥା
ଜୀବନର ଯେତେ ଗାଥା
ଓଠ ପିଇଗଲା ପରେ
ବଳକା ଲୁହରେ ।

ଅନେକ ଦିନର
ସୁଖ ଦୁଃଖର ହିସାବ
ଛନ୍ଦି ହୋଇଥିଲେ ମୋ ସ୍ମୃତିରେ
କଷ୍ଟ ମୋତେ ଲାଗିଲାନି
ସେ ଅଡୁଆ ଖୋଲିବାକୁ
ଖୁବ୍ ସହଜ ଗଣ୍ଠିଟା
ଆପେ ଆପେ ଖୋଲିଗଲା ।

ନିଛାଟିଆ ଖରାରେ ଗଛ ଛାଇ
ଦୂରରେ ମରୀଚିକା
ଫୁଲ ଓ ଭଅଁରଙ୍କ କଥା
ଗାଁ ମୁଣ୍ଡ ବରଗଛ ତଳେ
ସବୁଜ ଗାଲିଚା ଉପରେ
ନାଲି ଗୁଲୁ ଗୁଲୁ ସାଧବ ବୋହୁ ।

କୁଆଁର ପୁନେଇ ଜହ୍ନ
କେତେ ମାନ ଅଭିମାନ





ଖିଲି ଖିଲି ହସ
ଝାପସା ଆଲୁଅରେ
କଅଁଳ ସ୍ପର୍ଶର ସ୍ମୃତି
ହଠାତ୍ ସବୁ ବଦଳି ଗଲା
ଯେତେ ସବୁ ମନଛୁଆଁ ଅନୁଭୂତି ।

ଜୀବନର ମଧ୍ୟାହ୍ନରେ
ପୁଣିଥରେ ଜୁଆର ଆସେ
ଉତ୍ତାଳ ଲହରୀ ଡେଇଁ
ଫେରିଯିବାକୁ ପଡ଼େ
ବିଗତ ଦିନକୁ
ଚୁପି ଚୁପି ପ୍ରଜାପତି ଧରିବାକୁ ।

ଦୁଃଖ ଖାଲି ରହିଗଲା
ଏତେ ସବୁ ଲେଖା ପାଇଁ
ଲୁହତକ ଶୁଖି ଯାଇଥିଲା
ଥକ୍କା ହୋଇ ଅସହାୟ ଆଖି
ବନ୍ଦ ହୋଇଗଲା
ଶୁନ୍‌ଶାନ୍ କୋଠରି ଭିତରେ
ଦେବ ଶିଶୁଟିଏ
ଖିଲି ଖିଲି ହସୁଥିଲା ।

# ଜହ୍ନ ସହ ଗପ

ସେ ଦିନରୁ ଆଜିଯାଏ
ସ୍ମୃତି ଭରା
ଅନେକ ଦିନର କଥା
ଗପିବାକୁ ତୋ ସହିତ
ଇଚ୍ଛାହୁଏ ଜହ୍ନ
କାଲି ଭଳି ଲାଗେ,
ଦିଶିଯାଏ
କୁମାର ପୂର୍ଣ୍ଣିମାର ସନ୍ଧ୍ୟା
ଗାଁ ଦାଣ୍ଡ, ସାଙ୍ଗ ସାଥୀ
ଜଣାଶୁଣା ମୁହଁ ।

ରୂପେଲି ଆଲୁଅର ପସରା
କଇଁ ଓ ଜହ୍ନି ଫୁଲ ସଜା ଚଉଁରା
ଜହ୍ନକୁ ଅର୍ଘ୍ୟ ଦେଇ
କିଶୋରୀ ମନର କାମନା
ଗୀତରେ ଗାଁ ଦାଣ୍ଡ ଉଛୁଳା ।

ଉଛୁଳୁଥିଲା ସେଦିନ ମନ
ବାଡ଼ ବନ୍ଧ ମାନୁ ନଥିଲା
ଥଟ୍ଟା ପରିହାସ
ଭଲ ଲାଗୁଥିଲା
ଶୀତଳ ଆଲୋକରେ
ମନ ପ୍ରାଣ
ଉଦ୍ଭାସିତ ହେଉଥିଲା ।





ମନେ ନଥିବ ଜହ୍ନ
ସେ ଦିନର କଥା
ଶୁଣିଥିଲୁ ଭିଜାଭିଜା
ସ୍ୱପ୍ନର କାହାଣୀ
ମିଠାମିଠା ଖିଲିଖିଲି ହସ
ଦେଖିଥିଲୁ ଲାଜୁଆ ଚାହାଣି ।

ହସ ସବୁ ଲୁହ ହେଲା ପରେ
ସେ ଦିନକୁ ଭୁଲି ନାହିଁ ଜହ୍ନ
ଖସି ନାହିଁ ବାଲିକୁଦ ହୋଇ
ସେ ଦିନ ତ ମୋ’ ଠାରୁ ଅଭିନ୍ନ ।

## ସନ୍ଧ୍ୟା ଦର୍ଶନ

କିଏ କହେ
ଥିଲେ ଆଉ ନାହାନ୍ତି
ସେ ଥିଲେ
ଏବଂ ସେ ଅଛନ୍ତି ।
ସମସ୍ତଙ୍କ ପ୍ରାଣରେ
ବଗିଚାରେ - ଫୁଲରେ
ମହମହ ବାସ୍ନାରେ
ପ୍ରସାଦରେ
ଆଉ ମନ୍ଦିରରେ ।

କେତୋଟି ମୁହୂର୍ତ୍ତ ନୁହଁ
ଜୀବନଟା ପାଇଁ ଖୋରାକ
କେତେ ମିଳିଲା
ତା'ର ହିସାବ ନାହିଁ ।
ପାଦ ଥକିଲାନି
ମନ ପୁରିଲାନି
ସମୟ ବି ବାଦ କଲା
ରାତ୍ରି ବି ଘନେଇ ଆସିଲା
ଗୋଟେଇ ଆଣିଲି
ମହମହ ବାସ୍ନା
ସାଉଁଟିଲି ପଦରେଣୁ
ଆଶୀର୍ବାଦ ଯାହାବି ମିଳିଲା ।





## ସୁନ୍ଦର ପୃଥିବୀ ଛାଡ଼ିଗଲା ପରେ

ଅସହ୍ୟ ଯନ୍ତ୍ରଣା,
ଲିପାପୋଛା ମୁହଁଟାର
ବିଦାରିତ କ୍ଳେଶ
ଝାପସା ଦିଶୁଥିବା
ମୁହଁ କେତେଟା
ନିରୀହ ବାଳୁତଙ୍କ
ବଲ୍‌ବଲ୍ ଚାହାଣୀ
ଏତକ ମିଳିଲା
ଏ ସୁନ୍ଦର ପୃଥିବୀଟା
ପଛରେ ରହିଗଲା ।

ଏ ସବୁତ ବେଶ୍ ଜଣାଥିଲା
କେଡ଼େ ଅବୁଝା ମନଟା
ଦର୍ପରେ ଫାଟି ପଡୁଥିଲା
ପାଉଁଶ ହେବ ଏ ଦେହ
ମନଟା କେଉଁଠି ରହିବ
ଏ ସବୁ ହିସାବ କରିବାକୁ
ବେଳ ବି ନଥିବ ।

କେବଳ ଗୋଟିଏ ମୁହୂର୍ତ୍ତ
ମଝିରେ ମାଇଲ୍ ଖୁଣ୍ଟି ହେବ
ଏ ପଟରେ କୋଳାହଳ
ଯେତେ ସବୁ ପ୍ରିୟଜନ
ସେ ପଟେ ଏକ ବିରାଟ ଶୂନ୍ୟ

ଫେରିବାର ବାଟ
ବନ୍ଦ୍ ହୋଇଥିବ ।

କ୍ରିୟା କର୍ମ ହୋମ ଯଜ୍ଞ
ସବୁ ବେଶ୍ ଜମିବ
ବନ୍ଧୁ ପରିଜନ ଭିଡ଼ ବଢ଼ିବ
ଲଣ୍ଡା ହେବା ପର୍ବର
ଉଣା ନଥିବ ।

ତା'ପରେ -
ତା'ପରେ, ଛାଡ଼ି ଯାଇଥିବା
ତୁମର ସବୁ ସ୍ମୃତି
ଗୋଟେଇ ଗୋଟେଇ
ନିଜର ମଣିଷଟି ଥକି ପଡ଼ିବ
ଶୀଘ୍ର ଏ ଭଂଗୁର ସଂସାରକୁ
ଭୁଲିବାକୁ ରାହା ଖୋଜିବ ।





# ମୋ ଆଖିରେ ତୁମେ

ତୁମକୁ ଦେଖିଥିଲି
ନିଖୁଣ ବେଲପତ୍ରରେ
ତୁମ ପ୍ରିୟ
ଅରଖ ଫୁଲରେ
ଦୁଦୁରାର କାହାଳୀ ଭିତରେ ।

ତଥାପି –
ତଥାପି ମନଟା
ବୁଝୁ ନଥିଲା
ଅମାନିଆ ମନଟା
ଝୁଙ୍କ ଧରିଥିଲା
ଦେଖିବି ମୋ' ଭୋକିଲା ଆଖିରେ
ଆଙ୍କି ଦେବି ତୁମ ଛବି
ସିଲଟ ଖଡ଼ିରେ ।

ଜନ ସମୁଦ୍ର ଭିତରେ
ରୁନ୍ଧି ହୋଇ ଗଲି
ଉତ୍ତାଳ ତରଙ୍ଗ ଚେଷ୍ଟା
ବ୍ୟର୍ଥ ହେଇଗଲା
ବେଳାଭୂଇଁ ଛୁଇଁ ଛୁଇଁ
ଆଗକୁ ସେ ନେଲା ।

ଦୁଇ ହାତ ବଢ଼ାଇଲ
ପିଇଗଲ ଶ୍ରାବଣର ଧାରା

ନଇଁ ଗଲି ଭକ୍ତିରେ
ସମର୍ପିଲି ଯାହାଥିଲା
ମୋ ଦଦରା ମୁଣିରେ ।
ସେ ମୁଣିରେ ଭରିଦେଲ
ଆଶୀର୍ବାଦ ଛଡ଼ାଫୁଲ
କିଛି ବେଲପତ୍ର
ଜାବୁଡ଼ି ଧରିଲି ସେ ସବୁକୁ
ମୋ ବୁକୁରେ
ରହିଗଲ ତୁମେ ପ୍ରଭୁ
ଜନ୍ମ ଜନ୍ମାନ୍ତର ପାଇଁ
ମୋ ଖୋଜିଲା ଆଖିରେ ।





## ତୁମକୁ ନିମନ୍ତ୍ରଣ

ନିମନ୍ତ ଅଛି ପ୍ରଭୁ
କି ଦେଇ ଡାକିବି
ଏଡ଼େ ବଡ଼ ସାଆନ୍ତଙ୍କୁ
ନିମନ୍ତ୍ରଣପତ୍ର ଦେଇ ଡାକିବାକୁ
ସାହାସ ବା କେଉଁଠୁ ପାଇବି ।

ଗୁଆଟିଏ ଦେଇ ଡାକିବି
କି ଫୁଲଟିଏ ଦେଇ ଲୋଡ଼ିବି
ଏମିତି ଭାବୁ ଭାବୁ ପ୍ରଭୁ
ଲେଖିଗଲି ନିମନ୍ତ୍ରଣପତ୍ର
ମୋ ଆଖିର
ଟୋପାଏ ଲୁହରେ ।
ହସି ଦେଲ ତୁମେ
ଲୋଟିଗଲି
ତୁମ ପାଦପଦ୍ମତଳେ
ଅକୁହା ଖୁସିରେ ।

ଘଣ୍ଟା ମୃଦଙ୍ଗରେ
ତୁମ ଆରତି ଚାଲିଥିଲା
ଲକ୍ଷ ଲକ୍ଷ ଭକ୍ତ ଗହଣରେ
ମୁଁ କିନ୍ତୁ ହଜିଯାଇଥିଲି
ତୁମର ସେ ଚକାଚକା
ବିସ୍ଫାରିତ ଅପଲକ ନୟନରେ ।

ଯୋଡ଼ହସ୍ତେ ନିମନ୍ତ୍ରଣ କଲି
ପାଟ ମନ୍ତ୍ରୀ ବାଜା ବାଣ ପଟୁଆର
ପ୍ରଭୁ ନଥିବ ସାଙ୍ଗରେ
ଭାଇ ଭଉଣୀଙ୍କୁ ନେଇ
ପାଦ ପକାଇବ
ମୋ ଗରିବ କୁଡ଼ିଆରେ ।
ତୁମ ସ୍ୱର୍ଶରେ ମୋ କୁଡ଼ିଆ
ଉଲସି ଉଠିବ
ଲାଜେଇ ଅନ୍ଧାରଟା
ମୁହଁ ଲୁଚାଇବ ।

ତୁମ ପାଦ ପଖାଳିବି
ଦୁଇଧାର ଶୀତଳ ଲୁହରେ
ସ୍ୱାଗତ କରିବି ତୁମକୁ
ହୃଦୟ କମଳରେ ।
ମୋ ଘରେ ସୁନା ରୂପା
ବାସନ ତ ନାହିଁ
ଅଫିଟା କଦଳୀପତର ପକାଇ
ବାଢ଼ିଦେବି ଭୋଜିଭାତ ମୁଠାଏ
ଶବରୀର ସ୍ନେହବୋଳା
କୋଳି ତ ଖାଇଥିଲ
ଗ୍ରହଣ କରିବ ପ୍ରଭୁ
ଯାହା ଦେବି ଶ୍ରଦ୍ଧାରେ ।

ପାଛୋଟି ନେବି ତୁମକୁ
ବାହାବେଦି ମଣ୍ଡପକୁ
ମୁରବୀ ହୋଇ ବସିବ





ବେଦି ପାଖରେ
ସବୁ କର୍ମ ତୁଟାଇବ ସୁରୁଖୁରୁରେ ।
ଝିଅକୁ ବିଦା କରିବ
ଆଶୀର୍ବାଦ ଭରିଦେବ
ତା ଆଞ୍ଜୁଳିରେ
ସ୍ମିତହାସ୍ୟ ଭରିଥିବ
ତୁମର ସେ ରଙ୍ଗଭରା
ଅଧରରେ ।

# କୁହୁକ ରାସ୍ତା

ସୁନ୍ଦର ଏ ଲମ୍ବା ରାସ୍ତା
ଦୁଇପଟେ ଫୁଲର ସମ୍ଭାର
ଭଅଁରର ଗୁଣୁଗୁଣୁ ଗୁଞ୍ଜନ
ରଙ୍ଗିନ୍ ପର ମେଲି
ଏ ଫୁଲରୁ ସେ ଫୁଲକୁ
ଉଡୁଥିବା ପ୍ରଜାପତି ।

ଦୂରରେ ନଈଟିଏ
କାତ ବାହି, ଗୀତ ଗାଇ
ନାଉରିଆ ହଜିଯାଏ
ସେ ଗାଁର ଗୋରୀ ଝିଅ
ଓଢ଼ଣା ଭିତରେ ।

ଠାଏ ଠାଏ ନବ କିଶଳୟ
ଭରି ଥାଏ
ଆମ୍ବ ଆଉ କଦମ୍ବ ବୃକ୍ଷରେ
ଏ ଡାଳରୁ ସେ ଡାଳକୁ
ଡେଉଁଥାନ୍ତି କୁନି କୁନି
ପକ୍ଷୀ ଶାବକ
ଆହୁରି ଅନେକ କିଛି ।

ମନେ ହେଉଥିଲା
ଏମିତି ରାସ୍ତା
କେବେ ବି ସରିବନି





ହାଲକା ମନଟା ହଜିଯିବ
ଫୁଲ ଓ ସବୁଜିମା ଭିତରେ
ନାଉରିଆ ଗୀତରେ
ବା ସ୍ୱପ୍ନଭିଜା ରାତିରେ ।

ହଠାତ୍ ସେ ରାସ୍ତାରେ
ଚାଲୁ ଚାଲୁ
ନିଦାଘର ଘୂର୍ଣ୍ଣିବାତ୍ୟା
ଛିନ୍ନଛତ୍ର କରିଦିଏ
ଦେହ ଓ ମନକୁ
ଆଖପାଖ ନିରୀହ ପ୍ରାଣୀଙ୍କୁ ।

ଭଉଁରୀ ସହିତ ଘୂରେ
ଦରଦୀ ପ୍ରାଣଟା
ହା ହୁତାଶ ଭିତରେ
ଛଟପଟ ହୁଏ ସମୟଟା
ତଥାପି –
ପହିଲି ରାସ୍ତାର ସ୍ୱପ୍ନ
ଏବେ ବି ଘାରୁଛି
ଝଡ଼ ଅବସାନର
ନିଶ୍ଚିତତା ଅଛି
ମନକୁ ଥୟ କରିବା
ସମୟକୁ ବିତାଇବା
ସେ ହିଁ ଶିଖାଇଛି ।

# ମୁଁ ଗୋଟିଏ ମଣିଷ

ମୁଁ ଗୋଟିଏ ମଣିଷ
ହାଡ଼ ଉପରେ ପୁଳାଏ ମାଂସ
ଧରିବା ପାଇଁ ଟିକିଏ ଆଶ୍ରୟ
ଏ ପୃଥିବୀକୁ ଦେଖିବା ପାଇଁ
ଦୁଇଟି ଆଖି
ଅତିକ୍ରମ କରିବା ପାଇଁ
ଦୁଇଟି ପାଦ
ନିର୍ଲ୍ଲଜ ସଭ୍ୟତା ବାସ୍ନାର ସମ୍ଭାର
ଶୁଙ୍ଘିବା ପାଇଁ ନିରୀହ ନାସିକା ।

ଓଳିତଳେ ସୁଁ ସୁଁ କାନ୍ଦୁଥିବା
ଅବଳାର କାନ୍ଦ
ଗୁଞ୍ଜରିତ ହୁଏ ଏ କର୍ଣ୍ଣରେ
ଭୋକରେ ଆଉଟୁ ପାଉଟୁ
ଏ ପେଟ
ଦୁଇଟି ବିଧା ଖାଇବା ପାଇଁ
ଏ ପିଠି
ତାହା ଛଡ଼ା ଆଉ କ'ଣ ଅଛି ?

କିଛିଟା ପାଇବା ପାଇଁ
ଏ ମଣିଷଟା
ଦିନରାତି ବାହୁନୁଛି ।





ସବୁ ସରିଗଲା ପରେ
ଦରପୋଡ଼ା ପାଉଁଶ ଭିତରେ
ଖୋଜୁଛି ତା ଅତୀତକୁ
ଖାଲି ପାଉଁଶ ହିଁ ପାଉଁଶ
ତା ଭିତରେ ଝାପ୍‌ସା ଝାପ୍‌ସା
ଦିଶୁଥିବା ଅଗ୍ନିକଣା
କିଛି ହଳାହଳ
ହଜିଥିବା କେତୋଟି ମଣିଷର
ଅସ୍ପଷ୍ଟ କୋଳାହଳ ।

## ବାଦୁଆ ବାଦଲ

କ'ଣ ଦେଖୁଛ ?
ଦେଖୁଛି ମୁଁ ବାଦୁଆ ବାଦଲକୁ
ରୂପେଲି ଚତୁର୍ଦ୍ଦଶୀ ଜହ୍ନକୁ ।

ମୁଠାମୁଠା ସ୍ମୃତି ସବୁ
ଗୋଟେଇ ଚାଲିଛି
କୁହୁଡ଼ି ଘେରା
ଭାବନା ଭିତରେ
ଖଟାମିଠା କାହାଣୀର ଝଲକ
ଦିଶିଯାଏ ବାଦଲ ଫାଙ୍କରେ ।

ଠାଏ ଠଏ ଲୁଚିଯାଏ ସ୍ମୃତି
ରୂପାଥାଳି ଜହ୍ନ ସହ
ଚଲାବାଦଲ ଭିତରେ
ସ୍ମୃତିର ଖିଅଟା ଛିଡ଼ିଯାଏ
ବାରମ୍ବାର ଯୋଡ଼ି ଯୋଡ଼ି
ଥକି ଯାଏ ।

ନେହୁରା ହୁଏ ବାଦଲକୁ
ଜହ୍ନକୁ ମୁକ୍ତି ଦେବାପାଇଁ
ଟିକିଏ ବି ଶୁଣେନି ମିନତି
ଆଢୁଆଳ କରେ
ହିଂସୁକୁଟା ହୋଇ ।





ରାଗରେ ମୁହଁ ବୁଲାଇଲି
ଜହ୍ନଠାରୁ ମୁହଁଟାକୁ
ଫେରାଇ ଆଣିଲି
ଫିକ୍‌କିନା ହସିଦେଲ ତୁମେ
ଗାଡ଼ିଟା ଚାଲୁଥିଲା
ଚୁପ୍‌ଚାପ୍ ବସିଥିଲେ ଆମେ ।

## ବଙ୍କା ସିଧା ଗାର

ସେଦିନ ନଈବାଲିରେ
ସିଧା ବଙ୍କା ଗାର ସବୁ
ଆଙ୍କି ହୋଇଗଲେ
ବୁଡୁ ଥିବା ସୂର୍ଯ୍ୟର
ରକ୍ତିମ ଛଟାରେ
ଗାର ସବୁ ଝଲସି ଦିଶିଲେ ।

ପ୍ରତିଟି ବାଙ୍କରେ
ନିଛାଟିଆ ଡାହାଣିଆ ଖରା
ଘୋଡ଼ାଇ ଦେଲା
ତତଲା ଦେହଟା
ପଞ୍ଜରା ଥରାଇ
ଉଷୁମ ନିଃଶ୍ୱାସଟା
ଛୁଟି ଗଲା ନାଲି ସୂର୍ଯ୍ୟ ଯାଏ
ଟିକିଏ ବି ଫିକା ପଡ଼ିଲାନି
ସେ ରଙ୍ଗ
ଗାଢ଼ ରଙ୍ଗ ବିଂଚି ଦେଇ
ବୁଡି ଗଲା ସୂର୍ଯ୍ୟ ।

ରଙ୍ଗିଲା ଛଟା ସବୁ
ଗୋଟେଇ ଗୋଟେଇ
ଥକିଲା ମନଟା





ରଙ୍ଗେଇ ଉଠିଲା
ଘରମୁହାଁ ପକ୍ଷୀ ସହ
ଉଡ଼ି ଉଡ଼ି ସବୁତକ
ସିଧା ଗାର ଛୁଇଁଲା
ଚାହୁଁ ଚାହୁଁ ନିମିଷକେ
ଗାର ସବୁ ଲିଭିଗଲା ।

# ବସନ୍ତ କବିତା

ବସନ୍ତ କବିତା ତୁମେ ଲେଖିବ
ଫେରି ଫେରି ଯାଉଥିବା
ଶୀତୁଆ ମଳୟ
ଖୋଜି ଖୋଜି କେଉଁ ଏକ
ନିଘନ ବନସ୍ତ
ଏ ସବୁ ନଥିବ ସେ କବିତାରେ
ସେ କବିତା ଲୋଟି ଯାଉଥିବ
ଶଂଖମଲ୍ଲୀ ଫୁଲ ଫୁଟା
ଫଗୁଣ ଶେଯରେ ।

ଫଗୁଣର ଫଗୁଭରା ମନଥିବ
ତୁମର ସେ କବିତାରେ
ମତୁଆଲା ରଙ୍ଗ ଭିଜା
ହୋଇଥିବ ସେ କବିତା
ରାଧାକୃଷ୍ଣ ପ୍ରେମରେ ।

ସିନ୍ଦୁରା ଫାଟିଲା ବେଳେ
ବୀଣା ନିନ୍ଦି କୋଇଲିର ତାନ
ପୁଲାଙ୍ଗ ଫୁଲର ବାସ୍ନା
କଅଁଳିଆ ପତ୍ରର ଗୁଞ୍ଜନ
ବସନ୍ତ ସକାଳର
ଉଚ୍ଛୁଳା ଶିହରଣ
ଅବା





ଶିରିଶିରି ପବନରେ
ଫରଫର ଉଡୁଥିବା
ସବୁଜ ପଣତକାନିରେ
ବନ୍ଧାଥିବ କେତେ ସ୍ମୃତି
କେତେ ଲମ୍ବା ଅତୀତଟା
କାଲି ଭଳି ଲାଗୁଥିବ
ଏ ସବୁ ଥିବ ସେ କବିତାରେ ।

ସବୁ କିଛି ନମିଳୁ ପଛକେ
କିଛି ତ ମିଳୁଛି
ଫଗୁଣ ପସରା ଭିତରେ
ମଲ୍ଲୀର ବାସ୍ନା ଆଉ
ବର୍ଷା ଭିଜା ମାଟିର
ଗନ୍ଧ ବି ମିଳୁଛି
ବସନ୍ତ କବିତାରେ ।

ତୁମର ଏ ଫଗୁଣ କବିତା
ଛୁଇଁବ ମନକୁ
କବିତା ପ୍ରେମୀଙ୍କୁ
ଏମିତି ଏକ ସନ୍ଧ୍ୟାରେ
ବସନ୍ତ ଆସରରେ ।

## ଆସିବ ନିଶ୍ଚୟ

କେଜାଣି କିଏ
ଚାଲିଯିବ
କେଉଁ ଦିନ ଏ ପୃଥିବୀରୁ
ତାହା ଜଣା ନାହିଁ
ତାର ହିସାବ ବି ନାହିଁ ।

ତାହା ଶୁଭଙ୍କରୀ ନୁହଁ
ସାଙ୍କେତିକ ମଧ୍ୟ ନୁହଁ
ତାହା ଏକ ଅମିମାଂସିତ
ଅଛିଣ୍ଡା ଗଣିତ ।

ଏମିତି ଭାବୁ ଭାବୁ
ସେପାରିରୁ
ଆସିବ ଚିଟଉ
ସାଦରେ ନିମନ୍ତ୍ରଣ
ଆସ ବନ୍ଧୁ ମମତା ତୁଟାଇ ।

ନିମିଷେ ଅପେକ୍ଷା ନକରି
ନିମନ୍ତ୍ରଣ ପାଇ
ବନ୍ଧୁ ପରିଜନ ସହ
ବିରାଟ ପଟୁଆରରେ
ଯିବୁ ତୁ ସଜବାଜ ହୋଇ ।





ଫାଙ୍କା ଫାଙ୍କା
ଲାଗିବ ଏ ଘର
ସ୍ମୃତି ସବୁ ଫିକା ପଡ଼ିଯିବ
ଅସଜଡ଼ା ଘରଦ୍ୱାର
ଧୂଳି ଜମି ଯିବ ।
ଲୁହ ସବୁ ଶୁଖିଯିବ
ସେ ଦିନ ନିଶ୍ଚୟ ଆସିବ ।

## ହସ୍ପିଟାଲରେ ତୁମେ

ଜଗନ୍ନାଥ !
ରତ୍ନ ସିଂହାସନରୁ
ଓହ୍ଲାଇ ଆସିଛ
ଯନ୍ତ୍ରଣାରେ ଛଟପଟ
କେତୋଟି ମଣିଷ ପାଖକୁ ।

କ'ଣ ଦେଖୁଛ ତୁମେ
ଆଜିକାଲି ଯିବା ପାଇଁ
ସେ ପାରିକୁ
ଧାଡ଼ି ଧାଡ଼ି ବିଛଣାରେ
ପଡ଼ିଥିବା ନିରୀହ ପ୍ରାଣୀଙ୍କୁ ?

ମୋ ପାଖକୁ ଆସିଥିଲ
ଛାଡ଼ିବାକୁ ମନ ବଳିଲାନି
କେମିତି ରଖିବି ତୁମକୁ ?

ଶକ୍ତି ମୋର ନାହିଁ
ଧନରତ୍ନରେ ଗଢ଼ିବି
ସିଂହାସନଟିଏ ତୁମ ପାଇଁ
ଭକ୍ତି ଓ ଶ୍ରଦ୍ଧାରେ ଗଢ଼ା
ସିଂହାସନ
ସାଇତି ରଖିଛି ମୁଁ କେବେଠାରୁ
ତୁମେ କ'ଣ ବସିବନି
ନିମିଷକ ପାଇଁ ?





ଏଠି ଘଣ୍ଟ ମୃଦଙ୍ଗ
ବାଜା ଶୁଭିବନି
କାନରେ ବାଜିବ ତୁମର
କରୁଣ ଚିତ୍କାର
ହସି ଦେବ ତୁମେ
ଆଉଁସି ଦେବ
ଦଦରା ଦେହକୁ
ମିଳିଯିବ ଯୁଗ ଯୁଗ ପାଇଁ
ବଂଚିବାର ଆହାର ।

ତୁମେ ପ୍ରଭୁ,
ସାହସର ଗନ୍ତାଘର
ଶାନ୍ତ୍ୱନାର ଭଣ୍ଡାର
ଡରିବି ମୁଁ କାହାକୁ
ସବୁ ଅଜାଡ଼ିଛ ତୁମେ
ମସ୍ତକରେ ମୋର
ବଜ୍ର କରିଛ
ମୋ ନଇଁଲା ମନକୁ ।

# ପଥର ପ୍ରତିମା

କିଏ କହେ
ତୁମେ ଖାଲି ପଥର ପ୍ରତିମା
ତୁମେ ନିଶ୍ଚଳ
ତୁମେ ମୂକ
ତୁମକୁ ଗଢ଼ିବା ପାଇଁ
ବାରଶହ କାରିଗର
ନିଗାଡ଼ି ଦେଇଥିଲେ
ଝାଳ ଓ ରକତ ।

ତୁମେ କେତେ ହାସ୍ୟମୟୀ
ଲାସ୍ୟମୟୀ
ସେମାନେ ଜାଣିଥିଲେ
ଥୋଇ ନଥାନ୍ତେ
ତୁମକୁ ବର୍ଷ ବର୍ଷ ଧରି
ଖରା କାକରରେ
ମନ ପୁରାଇ ଦେଖୁଥିବା
କେତୋଟି ମଣିଷ ଆଖିରେ ।

ସେ ଦିନ ଥିଲା
ଏକ ଶୀତଳ ହାଲକା ରାତି
ରୂପା ଚାଦର ଭିତରେ
ମୁହଁ ଗୁଞ୍ଜିଥିଲା ଧରିତ୍ରୀ
ନିଶାର୍ଦ୍ଧରେ ରୁମ୍‌ଝୁମ୍





ଶବ୍ଦ ଶୁଣି ଅବାକ୍
ହେଲା ଏ ପୃଥିବୀ
ଓହ୍ଲାଇ ଆସିଲ ତୁମେ
ପଥର ଦେହରୁ
ନୃତ୍ୟର ତାଳେ ତାଳେ
ବାହୁରେ ବାହୁ ଛନ୍ଦି
ସାଙ୍ଗ ସାଥୀ ମେଳେ ।

ଆଖିରେ ଭରିଥିଲା
ତୁମର ମାଦକତା
ଅଙ୍ଗଭଙ୍ଗିରୁ
ଝରୁଥିଲା ମୁକ୍ତା
ପ୍ରେମାଶକ୍ତ ହେଲା
ସେ ରଜନୀ
କହିଗଲ କେତେ କଥା
ନୃତ୍ୟର ଭଙ୍ଗିରେ ।

ସରି ସରି ଆସିଲା
ସେ ରାତି
ଜହ୍ନ ବି ବିଦାୟ ମାଗିଲା
ଫେରିଗଲ ତୁମେ
ସେ ପଥର ଦେହକୁ
ତୁମ ପାଦ ଚିହ୍ନ ରହିଗଲା ।

# ଫୁର୍‌କିନା ଉଡ଼ିଗଲା

ଅନେକ ରଙ୍ଗ ଦେଇ
ଆଙ୍କି ସାରିଲା ପରେ
ରଙ୍ଗ ତୂଳିରେ
ମାନିଲାନି ମନ
ତୁମକୁ ଡାକିଲି
ଗୁହାରି ଶୁଣିଲ ତୁମେ
ଭରିଲ ଜୀବନ ।

ସ୍ନେହ ପ୍ରେମ ଢାଳିଦେଲି
ସୁକୁମାରୀ ଦେହଟା
ଓଦାରେ ସରସର ହେଲା
ପୋଛି ଦେଲି
ମୋ ପଣତ କାନିରେ
ଜାକି ଜୁକି ଗଲା
ମୋ ଛାତିରେ ।

ଢାଳି ଦେଲି ଭକ୍ତି ସୁଧା
ପିଇଗଲା ମନ ଭରି
ଏକ ନିଃଶ୍ୱାସରେ
ଶୁଣାଇଲି ଭୂତ ଭବିଷ୍ୟତ
ଶୁଣିଗଲା ଏକ ଲୟରେ
କିନ୍ତୁ ଏ କ’ଣ ହେଲା !





ଥଣ୍ଟରେ କୁଟାକାଠି
ଗୋଟେଇ ଆଣିଲା
ବସା ବାନ୍ଧିଲା
କେଉଁ ଏକ ନିଘଞ୍ଚ ବନରେ
ଅମୃତକୁ ବିଷ ମଣି
ଫୁର୍‌କିନା ଉଡ଼ିଗଲା
ମମତା ତୁଟାଇ
ଗୋଧୂଳି ବେଳାରେ ।

# ଫୁଲ କହେ

ରାତିରେ ଜହ୍ନ
ଆଉ ଦିନରେ ସୂର୍ଯ୍ୟକୁ
ଚାହିଁଥାଏ ବଗିଚାରେ
ବଣ ଜଙ୍ଗଲରେ
ବେଳେବେଳେ ଅଥଳ ପାଣିରେ ।

ଶୀତଳ ବା ଉଷୁମ ପରଶରେ
ମାଡ଼ି ଆସେ ଜୁଆର
ଖୋଲିଯାଏ ଦୁଆର
ଓଢ଼ଣାଟା ଖସି ପଡ଼େ
ମୁକ୍ତାନିନ୍ଦି ହସ ସବୁ
ଝରି ପଡ଼େ
ହସି ଉଠେ ଧରଣୀ
ଦିବସ ରଜନୀ ।

ବେଳେବେଳେ
ମନମାରି ରହିଯାଏ
ଗହଳିଆ ବୁଦା ବା ଲଟାରେ
କୋହକୁ ଚାପି ଦେଇ ଛାତିରେ ।
ଚାନ୍ଦକୁ ଚାହିଁଥାଏ
ଅପଲକ ନୟନରେ
ବେଳେବେଳେ ପାଏନି ମୁଁ ତାକୁ
ମୁହଁ ଗୁଞ୍ଜିଥାଏ ସେ
ବାଦଲ ଭିତରେ ।





ସୂର୍ଯ୍ୟର ପ୍ରଚଣ୍ଡ ରଶ୍ମି
ଚନ୍ଦନ ଭଳି ଲାଗେ
ଭଅଁର ଚୁମି ଚୁମି
ଗୋଲାପି ଓଠକୁ
ରଙ୍ଗେଇ ଦିଏ
କିଏ ମୋତେ
ଚାହୁଁ ବା ନଚାହୁଁ
ମୋର କି ଆସେ ଯାଏ ।

# ଯାହା ସବୁ ସପନ ଆଜିର

ଝଲକାଏ ପବନ
ଖୋଲି ଦିଏ ଝରକା
ବୋହି ଆଣେ ସେ ଦିନର
ମନ ଦିଆ ନିଆ କଥା
ଛୁପିଛୁପି ଅନ୍ଧାରରେ
ଦେଖିବାର ନିଶା ।

ଜଣଙ୍କ ହୃଦୟରେ
ଜଣେ ହଜିଥିଲା
ସବୁ ଦିନ ପାଇଁ
ଖୋଜି ଖୋଜି ସେଇ
ଓଳା ପୋଛା ଜାଗାଟା
ନେଲା ଆପଣେଇ ।

ସାଇଁ ସାଇଁ ପବନରେ
ଥରିଲାନି ତା ଦେହ
ଆଲୁଅଠୁଁ ଯାଇଛି ଦୂରେଇ
ନିଝୁମ୍ ରାତିରେ
ପାଇନି ସେ ଭୟ ।

ନିବୁଜ କୋଠରି ଭିତରେ
କେତେ ଦିନ କେତେ ରାତି ବିତିଛି
ଗଣି ସେ ପାରିନି





ନିମିଷକ ଭଳି ଲାଗେ
ଶାନ୍ତିରେ ରହିଛି
ବିଦାୟ ମାଗିନି ।

ଏ ସବୁ ଦେଖା ହୁଏ
ହୃଦୟ ଖୋଲିଲେ
ଅନ୍ଧାରକୁ ଠେଲି ଦେଲାପରେ
ଅବା ରହିଯାଏ
ଜନ୍ମ ଜନ୍ମାନ୍ତର
ଯାହା ସବୁ ସପନ ଆଜିର ।

# ତୁମ ଛାଇ ପଡ଼େ

କିଟି କିଟି ଅନ୍ଧାରିଆ କୋଠରି
ଆଲୁଅ ପଡ଼େନି
ପବନ ବି ପଶେନି
ପଚାସଢ଼ା ଅଳିଆରେ
ଭର୍ତ୍ତି ସେ କୋଠରି ।

ସାଲୁ ସାଲୁ ହୁଅନ୍ତି
ପୋକ ଜନ୍ଦା
ବୁଢ଼ିଆଣୀ ବାନ୍ଧିଥାଏ ବସା
ସର୍ପର ଗର୍ଜନ
ଫଣା ଟେକି ଫଁ ଫଁ
ଦିନ ରାତି ହୁଏ
ରହି ରହି କୁନ୍ଥଉଥାଏ ପେଚା ।

କିଏ କେମିତି ଇଚ୍ଛା କରେ
ଅନ୍ଧାରକୁ ଦୂରେଇ ଦେବାକୁ
ଖୋଲି ଦିଏ ଝରକା
ଆଲୁଅ ଲହଡ଼ି ଖେଳେ
ଝାଡୁମାରି ଫୋପାଡ଼ି ଦିଏ
ନର୍ଦ୍ଦମାକୁ ସବୁତକ ଅଳିଆ ।
କୋଠରିଟି ଦିଶେ
ସଫା ସୁତରା
ଆପେ ଆପେ ପଳାନ୍ତି ଜନ୍ତୁରାଜ





ବୁଢ଼ିଆଣୀ ସୂତା ଛିଣ୍ଡିଯାଏ
ପେଚାର କୁନ୍ଥା ବି ଶୁଭେନି
ଟିକିଏ ଡର ବି ଲାଗେନି ।

ଫଳ, ପୁଷ୍ପ, ଧୂପ, ଦୀପ
ନୈବେଦ୍ୟର ମହ ମହ
ବାସ୍ନାରେ ଭରି ଯାଏ କୋଠରି
ଓହ୍ଲାଇ ଆସ ତୁମେ
ତୁମ ସିଂହାସନରୁ
ଲୋଭ ନ ସମ୍ଭାଳି ।

ତୁମ ଛାଇ ପଡ଼େ
କୋଠରି ଭିତରେ
ତୁମ ମୁହଁ ଦିଶେ
ପରମ ତୃପ୍ତିରେ ଭରା
ହାଲକା ମନଟା
ନାଚିନାଚି ତୁମ ସହ ମିଶେ ।

# ପରିଚୟ

ସମୟ ମନେ ନାହିଁ
ତାରିଖ ମନେ ନାହିଁ
ଖାଲି ଏତିକି ମନେ ଅଛି
ପ୍ରଥମ ପରିଚୟ ମିଳିବାର
ଅକେ ଦିନ ବିତିଛି ।

କୁଆଁକୁଆଁ ଶବ୍ଦରେ
ପରିଚୟ ମିଳିଥିଲା
ଅମୁକର କନ୍ୟା
ଖୁସିର ଲହଡ଼ି
କୂଳ ଛୁଇଁ ସୃଷ୍ଟି
କରିଥିଲା ବନ୍ୟା ।

ସ୍ନେହ ଓ ଶ୍ରଦ୍ଧାର ଫଲ୍‌ଗୁଧାରା
ବୋହି ଆଣିଥିଲା
ଉତ୍ସାହ ପ୍ରେରଣା
ସେହି ପରିଚୟ ନେଇ
ବିକଶି ଥିଲା ବୁଦ୍ଧି ଓ ବାଗ୍ମୀତା
ସେ ତ ଅନେକ ଦିନର କଥା ।

କିଛି ଦିନ ବିତିଗଲା
ନୂଆ ଏକ ପରିଚୟ
ସହଜରେ ମିଳିଗଲା
ଅମୁକର ବୋହୂ





ପୁଣି ସମୁକର ଜାୟା
ଏ ଥିଲା ପରିଚୟ
ସୋପାନର ମାୟା ।

ମା'ର ପରିଚୟ
ପାଇଗଲା ପରେ
ଜୀବନରେ ପୂର୍ଣ୍ଣତା
ଆସିଗଲା ମନେହୁଏ
ଅନେକ ପରୀକ୍ଷା
ଛନ୍ଦି ପଳାଇଲା
ଅଣନିଃଶ୍ୱାସୀ ଦିନସବୁ
ପରିଚୟ ଲୋଭରେ
ଆଗକୁ ଧାଇଁଲା ।

ଦୀର୍ଘ ଦିନର ବ୍ୟବଧାନ ପରେ
ଆଉ ଏକ ନୂଆ ପରିଚୟ
ମୂଳ ଧନ ଠାରୁ ସୁଧ
ପାଇବାରେ ଆନନ୍ଦ
ଜେଜେମା' ଡାକ
ବୁଢ଼ୀ ଅସୁରୁଣୀ ଗପ
ଗୁଲୁଗୁଲୁ ନହ୍ନାମୁନ୍ନା
ବଙ୍କା ତେଢ଼ା ପ୍ରଶ୍ନ ।

ଏମିତି ସୋପାନ ପରେ ସୋପାନ
ଡେଇଁଥିଲା ପରିଚୟ
ଡେଇଁ ଡେଇଁ ଥକିଗଲା ପରେ
ହିଜିଗଲା ଡହ ଡହ ନିଆଁରେ
କିଛିକିଛି ରହିଗଲା
ଦୁନିଆ ଆଖିରେ ।

## ଭଙ୍ଗା ଦେହ

ଭଙ୍ଗା ଦେହରେ
ଭୀମ ଶକ୍ତି ତୁମେ ଦେଲ
ଆଣ୍ଠେଇ ପଡ଼ିଲା ବେଳେ
ଆଶାବାଡ଼ି ବଢ଼ାଇଲ
ଦୁର୍ଗମ ଗିରି, ତତଲା ବାଲି
କିଛି ଲାଗିଲାନି
ଡେଇଁ ଡେଇଁ ଚାଲିବାକୁ
ମାଇଲ ମାଇଲ ।

ଭଙ୍ଗାମନରେ
ଢାଳି ଦେଲ ରଙ୍ଗର ପସରା
ପ୍ରଜାପତି ରଙ୍ଗ ଦେଲ
ଦୁନିଆଟା ଦିଶିଲା ରଙ୍ଗିନ୍
ଛୁପି ଛୁପି କାନ୍ଦୁଥିବା ମନଟା
ହସିଲା, ହସେଇଲା
ସବୁ ଦୁଃଖ ଭୁଲି ।

ଭଙ୍ଗା ଆଖିରେ
ଭରି ଦେଲ ସ୍ୱପ୍ନ
ନିଦ ଦେଲ ଅନେକ
ହିମାଳୟଠୁଁ କନ୍ୟାକୁମାରୀ
ସମୟ ଅନେକ ଦେଲ
ଗଣିବାକୁ ସମୁଦ୍ର ଲହଡ଼ି
ଫିସ୍‌ଫିସ୍ କହିଗଲ
ସ୍ୱପ୍ନ ନସରିବା ଯାଏ
ଯିବୁନି ବାହୁଡ଼ି ।





## ନଇଁ ଗଲା ପରେ

ଅଣ୍ଟାଟା ନଇଁ ପଡ଼ିଛି
ଚମ ବି ଶିଥିଳ
ଆଖିରେ ଜ୍ୟୋତି ନାହିଁ
ହାତ ଥରଥର
ତଥାପି ସେ ଭୁଲି ନାହିଁ
ଅନ୍ଧାରରେ ଲୁଚକାଳି ଖେଳ
ସାଙ୍ଗ ସାଥି ମେଳ ।

ଭୁଲି ନାହିଁ ଜହ୍ନ ରାତି
ଦିଆ ନିଆ ପ୍ରୀତି
ବର୍ଷାରେ ଭିଜାଭିଜା ମନ
ଶୀତୁଆ ରାତିର ଉଷୁମ
ବସନ୍ତରେ କୁହୁକୁହୁ ତାନ
ନିଦାଘର ଘୂର୍ଣ୍ଣିବାତ୍ୟା
ଅଥୟ କରିନି
ଲୁହାର ମଣିଷ ସେ
କାହାକୁ ଡରିନି ।

ରଣ କ୍ଷେତ୍ରରେ ବାରବାର
ଘାଇଲା ହୋଇନି
ଅନେକ ବାଟ ଚାଲିଲା ପରେ
ସେ ଥକି ପଡ଼ିନି
ଦୁନିଆକୁ ଦେଖିଛି
ଆଜି ବି ଦେଖୁଛି
ପଞ୍ଜରା ଥରାଇ
ଗରମ ନିଃଶ୍ୱାସ ଛାଡୁଛି ।

## ତୁମେ ଚାଲିଗଲା ପରେ

ତୁମେ ଚାଲି ଗଲ
ଗଲ ଯେ ଆଉ ଫେରିଲନି
କିଏ ଜାଣେ
କେଉଁଠାକୁ ଗଲ ।

ଗଲାବେଳେ ଭାବିଲକି
ସେ ଦିନର କଥା
ସ୍ନେହରେ  କହି ଚାଲିଥିଲ
ମୋ ରଙ୍ଗ କଳା ହେବା କଥା ।

ସୁନ୍ଦର ରଙ୍ଗଟା
ଫିକା ପଡ଼ିଯିବ
ଗଛରେ ପୋଡ଼ା ପାଉଁଶ
ପଳାଇ ତୁମେ
କ'ଣ ପାଇବ ?

ତୁମର ଯତ୍ନରେ
ଗର୍ବରେ ଫାଟୁଥିଲା ଛାତି
ଆଜି ହେଲା ଦିନ
ମୋ ପାଇଁ ରାତି ।

ବଡ଼ି ଆଚାର କରି
ଦିନ ବିତାଇଲି
ଜାମ୍ ସସ୍‌ରେ ମନ ଭରିଦେଲି
ଖାଇବାକୁ ତୁମେ
ରହିଲ କି ?





ସଭା ସମିତି
ତୁମକୁ ଲାଗିଲା ତୁଚ୍ଛ
ତୁମ ସହ ଯିବାଟା
ହୋଇଗଲା ଶେଷ ।

ଦେବାଦେବୀ ଦେଖାଇଲ
ବୁଲାଇଲ ଦେଶ ଓ ବିଦେଶ
ମୋତେ ଛାଡ଼ି ଚାଲିଗଲ
କ'ଣ ବା ଥିଲା
ମୋର ଦୋଷ !!

# ନୂଆବର୍ଷ

ଏ ବର୍ଷଟା ଚାଲିଯିବ
ଆଉ କେତୋଟି ମୁହୂର୍ତ୍ତ ବାକି
ପ୍ରଜ୍ଜ୍ୱଳିତ ରାଗ ଈର୍ଷା
ଧୋଇ ଦେଇ କୁଆଁରୀ ମନଟା
ଗାଧୁଆ ତୁଠରେ ଚାହିଁ ରହେ
ନୂଆବର୍ଷ ନାଲି ସୂରୁଯକୁ
ଝରକା ସେପଟେ ଉଙ୍କିମାରେ
ପାଦ ଚିପିଚିପି ଆଗକୁ ବଢ଼ାଏ
ଝଟ୍‌କରି ଓଢ଼ଣାଟି କାଢ଼ି ଦିଏ
କିଏ ତୁମେ ?

ତୁମେ ଆସିବ
କୁନା କୁନି ବେଲୁନ ଭିତରୁ
ଫୁଟ୍‌ପାଥ୍‌ର ଭିକମଗା ପୁଟୁଳି ଭିତରୁ
ନନ୍ଦନକାନନ ଅବା
କୋଣାର୍କର ନଗ୍ନ ଶରୀରରୁ
ଉପଭୋଗ କରୁଥିବା ନବ ଦମ୍ପତିଙ୍କ
ମାଦକତା ଭିତରୁ
ଅବା, ଅର୍ଦ୍ଧରାତ୍ରରେ ଦୂରଦର୍ଶନର
ଦର୍ଶକ ମଧ୍ୟରୁ ।



ଝରାପତ୍ରର ଶିଳାଲିପି

କିନ୍ତୁ ମୋ ପାଇଁ
ତୁମେ ତ କେବେଠୁଁ ଆସିଛ
ତୁମର ସେ ବିଭୀଷିକା ଛବି
କେବେଠୁଁ ଦେଖୁଛି
ଝାଳୁଆ ଦେହରେ
ଜାକିଜୁକି ମିଞ୍ଜିମିଞ୍ଜି ଚାହୁଁଛି
ତୁମକୁ-ତୁମକୁ- ଖାଲି ତୁମକୁ ।

# ରୋତାଙ୍ଗ ଯାତ୍ରା

ଦେଖିଛ କି
ଆକାଶ ଓ ବରଫାଚ୍ଛନ୍ନ
ଶିଖରର ମିଶିଯିବା ଦୃଶ୍ୟ
ଉଷୁମ ଚୁମ୍ବନରେ
ଦେହ ଓ ମନକୁ ତରଳାଇ
ବୋହୁଥିବା ଧାର ଧାର
ଝରଣାର ଦୃଶ୍ୟ ।

ନିର୍ବାକ୍ ନିଷ୍ଠୁର ପ୍ରସ୍ତରରେ
ପ୍ରସ୍ଫୁଟିତ ପୁଷ୍ପ

ଆକାଶରୁ ଝରୁଥିବା
ତୁଷାର ବରଷା
ରୋତାଙ୍ଗ ଯାତ୍ରୀଙ୍କ ଭିଡ଼
ଆଉ ଚାରିଚକି ଗାଡ଼ିର ଧାଡ଼ି
ପାହାଡ଼ି ରମଣୀର
ଶୀତବସ୍ତ୍ର ଦିଆନିଆ ପର୍ବ
ଆଦର ଆଉ ଯତ୍ନର
ସତେ ଯେମିତି ପ୍ରତୀକ
ଶୁଷ୍କ ବ୍ୟାସର ଛାତି
ବାଲି ଗରଡ଼ାର
ଯନ୍ତ୍ରଣାରେ ଛଟପଟ ।





ଶୁଣିଛ କି
ବଳିଷ୍ଠ ବାହୁ ବନ୍ଧନରେ
ଝରଣାର ଖିଲିଖିଲି ହସ
ବରଫ ନିର୍ମିତ
ପ୍ରେମିକ ଓ ପ୍ରେମିକାଙ୍କ ମୂର୍ତ୍ତି
ଦେଶୀ ଓ ବିଦେଶୀ ଯୁବକଙ୍କୁ ସ୍ୱାଗତ ।

ଦେଖିନାହଁ, ଦୁଇଧାର ଲୁହ
ଶୁଣିନାହିଁ, କେତେ ଅକୁହା କଥାର ସ୍ୱର !!

# ଅଭିମାନ

ରାଗିଲ କି ଅଭିମାନ କଲ
ଜାଣିବାର ସୁଯୋଗ ତ ମିଳିଲାନି
ଦୁଃଖ ଆଉ ଅବଶୋଷ ଭିତରେ
ଛନ୍ଦି ହୋଇ ଛାଟିପିଟି ହେଲ ।

ଟିକିଏ ବି ମୁହଁକୁ ଚାହିଁଲନି
ପଦଟିଏ କଥା ବି ହେଲନି
ତୁମ ଶେଷ ନିଃଶ୍ୱାସର ଶବ୍ଦ
ଶୁଣିବାର ସୁଯୋଗ ହରାଇଲି
କୁହ ବାପା ମୁଁ କ'ଣ ଭୁଲ୍ କଲି ?

ପ୍ରତୀକ ତୁମେ କର୍ତ୍ତବ୍ୟର
ଜୀବନର ପ୍ରତି ମୁହୂର୍ତ୍ତକୁ ଠିକ୍‌ଭାବେ
ବିନିଯୋଗ ଶିକ୍ଷା ବି ତୁମର
ଏପଟେ କର୍ମକ୍ଷେତ୍ରର ଆହ୍ୱାନ
ସେପଟରେ ତୁମ ଅଭିମାନ
କୁହ ବାପା କେଉଁଟା ମୁଁ କରିଥାନ୍ତି ?

''ଦେଶ ପାଇଁ ଲଢ଼ିଛି
ଭତ୍ତା କେମିତି ମୁଁ ନେବି
ପଢ଼ାଇବାକୁ ବୋଉ ସକ୍ଷମ ନୁହେଁ
ପଢ଼ିବାର ପ୍ରବଳ ଇଚ୍ଛାକୁ
ପୂରଣ କରିବି





ଗୁରୁଜୀଙ୍କ ଗୋରୁ ସେବା କରି
ବେତନ ମୁଁ ଭରଣା କରିବି
ଦରକାର ନଥାଇ ମୁଁ କାହାର
ସାହାଯ୍ୟ ନେବିନି
ନିଜ କାମ ନିଜେ କରିବି
କର୍ତ୍ତବ୍ୟରେ ହେଳା କରିବିନି''

ତୁମର ଏ ଗୁରୁବାକ୍ୟ
ଉପେକ୍ଷା କଲିନି
ଅଧାପନା ନଥିଲେ ବି
କର୍ମକ୍ଷେତ୍ରେ ଉପସ୍ଥିତି
ଜରୁରି ମଣିଲି
ମୋ କର୍ତ୍ତବ୍ୟନିଷ୍ଠାର ଖୁସିରେ
କୁରୁଳି ଉଠିଲ
ବିଧାତା ସହିଲାନି ତୁମ ଖୁସି
ତୁମକୁ ସେ ଦଣ୍ଡିଲାନି
ଦଣ୍ଡିଲା ଆମକୁ

ତୁମ ଅଭିମାନ ଭାଙ୍ଗିବାକୁ
ଡର ବି ମିଳିଲାନି
ଉଚ୍ଛନ୍ନ ହେଲ ତୁମେ
ଏକ ମୁହାଁ ହେଲ
ତୁମ ପଛେ ଦଉଡ଼ିଲି
ନେହୁରା ହୋଇ କହିଲି
ବୁଝାଇଲି ବାର ବାର
ବାପା ମୁଁ କର୍ତ୍ତବ୍ୟ କରିଛି
ତୁମ ଅବଶୋଷ ପୂରଣ କରିବାର
ସମୟ ମୋର ନାହିଁ ।

ଫୋନ୍‌ରେ ତୁମ ଶବ୍ଦ
ବାରମ୍ବାର ଶୁଭୁଛି
ଉଦ୍ଦେଶ୍ୟ ନରଖି ମୁଁ କର୍ମ କରିଛି ।
ତୁମ ନୀତିଶିକ୍ଷାକୁ ମୁଁ ସମ୍ମାନ ଦେଇଛି
ତୁମ ଆଶୀର୍ବାଦକୁ ମୁଁ
ଜନ୍ମ ଜନ୍ମ ପାଇଁ ପାଥେୟ ମଣିଛି ।

ଏ ଜନ୍ମରେ ନ ହେଲେବି
କେଉଁ ଏକ ଜନ୍ମ ନେଇ
ତୁମ ଅଭିଳାଷ ମୁଁ ପୂରଣ କରିବି
ସେଦିନ ତୁମେ ହସି ହସି
ଫାଟି ପଡ଼ିବ - କୋହମିଶା କ୍ରନ୍ଦନ
ତୁମ ସାର୍ଥକ ହୋଇଛି ଭାବି
ମୁଣ୍ଡ ମୋର ଆଉଁସେଇ ଦେବ
ସେ ଦିନକୁ ଅପେକ୍ଷା କରିବି ବାପା
ଯୁଗ ଯୁଗ ଧରି
ପ୍ରତିଜ୍ଞା କରୁଛି ମୁଁ ବାରମ୍ବାର ଜନ୍ମ ନେବି
ତୁମର ଏକମାତ୍ର ଇଚ୍ଛା ପୂରଣ କରିବି ।

ନେହୁରା ହେଉଛି ବାପା
ଟିକିଏ ପଛକୁ ଚାହଁ
ମୁଁ ପରା ପଛରେ ଧାଇଁଛି
ତୁମର ଆଶିଷ ରାଶି
ଗୋଟେଇ ଚାଲିଛି ।





# ଫୋନ୍‌ରେ ହସ

ପ୍ରତିଟି କଥାରେ ତୋର ହସ
ଭାସି ଆସେ ଦୂରଭାଷ ଦେଇ
କେହି ତାକୁ ବୁଝୁ ବା ନବୁଝୁ
ସେ ହସ ମୋ ହୃଦୟ ବୀଣାର
ପ୍ରତିଟି ତାରକୁ ଝଙ୍କୃତ କରେ
ତୋ ମନର ବେଦନା ବୁଝିବା ପାଇଁ

ସେ ହସରେ ଭରିଥାଏ
ତୋ ଦୁଃଖର ଜୁଆର
କୂଳ ଡେଇଁ ଧାଇଁ ଆସେ
ମୋ ଦିଗ୍‌ବଳୟ ଛୁଇଁ ଦେଇ
ମୋତେ ଅସ୍ତବ୍ୟସ୍ତ କରି
ତୋ ପାଖକୁ ଫେରିଯାଏ ।
ମୋତେ ଟିକେ ଖୁସି କରାଇଛୁ ଭାବି
ଆନନ୍ଦରେ ଲୋଟିଯାଉ
କୋହକୁ ତୁ ଚାପି ଦେଉ
ଜୁଆର ମଝିରେ ।

ଧନ୍ୟ ମନେକରେ
ଈଶ୍ୱରଙ୍କ ଅବଦାନ ପାଇ
ପ୍ରଣତି ଢାଳେ ତାଙ୍କୁ
ତୋ ମୁହଁରେ ପ୍ରକୃତରେ
ହସଟିକେ ଦେବା ପାଇଁ ।

## ଭୁଲ

ଥରେ ନୁହଁ ବାରମ୍ବାର ଆସ
ସ୍ୱାଗତ କରେ ତୁମକୁ
ତୁମ ସ୍ପର୍ଶ ଭଲ ଲାଗେ ମୋତେ
ଜିତି ଯାଅ ମୋ ଦେହ ମନକୁ ।

ତୁମେ କିଏ ବାରମ୍ବାର ପ୍ରଶ୍ନ
ଚିହ୍ନେ ନାହିଁ ଜାଣେ ନାହିଁ
ଭଲ ଲାଗେ ତୁମ ସ୍ପର୍ଶ ।
ଭୁଲି ଯାଏ ଭୂତ ଭବିଷ୍ୟତ
ମେଣ୍ଟିଯାଏ ତୃଷା
ଭରିଯାଏ ଚକ୍ଷୁରେ ମାଦକର ନିଶା ।

ପୁଣି ଥରେ ପଚାରେ
ତୁମେ କିଏ ?
ତୁମେ ଯେବେ ଆସିଲ
ମୋ କୋଠରି ଆଲୋକିତ ହେଲା
ଅନ୍ଧକାର କେଉଁ ଆଡ଼େ ଅପସରି ଗଲା
ମୋ ବୀଣାର ସୂକ୍ଷ୍ମତାର ଝଙ୍କୃତ ହୋଇଲା ।

ତା ସ୍ୱରରେ ମିଶିଗଲି
ଥରେ ନୁହଁ ବାରମ୍ବାର ହଜିଗଲି
ନଈ ହୋଇ ସମୁଦ୍ରରେ ମିଶିବାର ମନ ନେଇ
ପୁଣି ଥରେ ପଛକୁ ଚାହିଁଲି ।

ହଠାତ୍ ଥମ୍ କରି ରହିଗଲି
ଯିଦ୍ ଧରି ତୁମ ନାଁ ପଚାରିଲି
କାନ ପାଖେ ଗୋପନରେ କହିଲ
ମୁଁ ପରା କାକବଂଧୁ
ଚକୋରୀର ବଂଧୁ
ନାଁ ମୋର 'ଭୁଲ' ।





## ଘାସଫୁଲ

ଘାସ ଫୁଲ କର ପ୍ରଭୁ
କରେ ମୁଁ ପ୍ରାର୍ଥନା
କର ନାହିଁ କିଂସୁକ
ପାଇବି ମୁଁ ଯାତନା ।

ଗୋଲାପର ସ୍ୱପ୍ନ ମୋର ନାହିଁ
ଚଂପାର ବାସ୍ନା ମୁଁ ଚାହେଁନି
ଟିକି ଦେହେ ଟୋପାଏ ରଙ୍ଗ ବୋଳି
ସବୁଜ ଗାଲିଚାରେ ଦିଅ ମୋତେ ସଜାଇ ।

ଟିକି ଫୁଲଟିଏ କରି ଫୁଟାଅ
କିଏ ମୋତେ ଦେଖୁ ବା ନ ଦେଖୁ
ମୋତେ ଖାଲି ଦେଖାଅ
ପ୍ରଭାତର ନାଲି ସୂର୍ଯ୍ୟ
ଦଳ ଦଳ ବଂଧୁଙ୍କ ଭ୍ରମଣ
ଗପସପ ହସ ଖେଳ
କସରତ ଚାହେଁ ଯା ଜୀବନ ।

ଆଃ ବୋଲି ଶୁଣନ୍ତି
ବାଲି କାଦୁଅରେ
ସାଲୁ ସାଲୁ ଅଂଗ ମୋର
ରଙ୍ଗହୀନ ହୁଅନ୍ତା

କେହି ନ ଦେଖନ୍ତା
କ୍ଷତ ବିକ୍ଷତ ତନୁ ମୋର
ମାଟିରେ ମିଶନ୍ତା
ମୁକ୍ତି ପାଇଯାନ୍ତା ।

ଦୀର୍ଘଦିନ ପୃଥିବୀକୁ ଦେଖିବାର ଅଭିଳାଷ
ରୋଗ, ଦୁଃଖ, ହସ, କାନ୍ଦ
ଜନ୍ମ, ମୃତ୍ୟୁ, ଯନ୍ତ୍ରଣା ଜଞ୍ଜାଳ
ସବୁ ସରିଯାନ୍ତା ।





# ତାପ୍ତୀ ନଦୀକୂଳେ ଦୁଇଦିନ

ତାପ୍ତୀ !
ଗର୍ବରେ ଫୁଲିଫୁଲି କେତେ ନାଚୁ
ଈର୍ଷା ହୁଏ ତୋ ଗାରିମା ଦେଖିଦେଖି
ମନଟା ମରିଯାଏ - ସେ ରାଜ୍ୟ ଏ ରାଜ୍ୟ
ତଫାତ୍ ଓ ଅବସ୍ଥାକୁ ମାପିମାପି ।

ତୋ ଧାରରେ ଧାଡ଼ିଧାଡ଼ି ନଭଶ୍ଚୁମ୍ବୀ ଅଟ୍ଟାଳିକା
ବିଦ୍ରୁପ କରେ ମୋ ରାଜ୍ୟର
ଦୀନହୀନ ବିଦୀର୍ଣ୍ଣ ଶରୀରକୁ ।

ନ ଦେଖି ମୁହଁ ବୁଲାଇ ଦିଏ
ଥକାମାରି ବସି ପଡ଼େ
ଆଖିଟା ଫେରାଇ ଆଣେ କାଚ ଦୁଆରକୁ ।

ତୋ ଧାରରେ ଓସାରିଆ ରାସ୍ତା
ଟିଟିକାରି ମାରେ ପ୍ଲେଗକୁ
ଡାକ୍ତରଖାନାରେ ଭିଡ଼ ନାହିଁ
ସଫା ସୁତରାର ପ୍ରତୀକ
ତୋ ସହର -
ଆଦର୍ଶ ଆମ ଦେଶ ପାଇଁ ।

ସୂତାକଳ ଧାଡ଼ି ଧାଡ଼ି
ଲୁଗାକଳ ଖଟିଖଟି ହାଲିଆ ହେଲେଣି
ତଥାପି ବିଶ୍ରାମ ନାହିଁ
ରାସ୍ତାକଡ଼େ ଗାଣ୍ଠୁଳିର
ଗଣତି ବି ନାହିଁ ।

ଧନ୍ୟ ତୁ ତାପ୍ତୀ -
ମନଟା କାନ୍ଦି ଉଠେ
ଦେଖି ତୋର ଦିପ୍ତୀ ।

ତୋ କୂଳରେ ମନ୍ଦିରର
ଘଣ୍ଟି ଶୁଭେ -
କୁନି ପିଲା ହସ କାନ୍ଦ
ଛୁଟି ଆସେ
ସେ ବେଢ଼ାରେ କେତେ ଯେ ଦମ୍ପତି
ପୂଜା ଅର୍ଘ୍ୟ ଧରି
ଅବା, ହାତ ଧରାଧରି ହୋଇ
ତୋ ବୁକୁକୁ ଚାହିଁ ଚାହିଁ
ଆଶ୍ୱସ୍ତ ହୁଅନ୍ତି
ସାରା ଦିନର ଶ୍ରମ ନିମିଷେ ବାଣ୍ଟନ୍ତି ।

ତାପ୍ତୀ ତୁ କେଡ଼େ ଭାଗ୍ୟବତୀ
ତୋ ବ୍ରିଜ୍‌ର ଧାରେ ଧାରେ
କେତେ ଯେ ଆସର
ତାସ୍ ଖେଳ, ଡିନର୍, ଗପସପ
ହସ ଖୁସି ଦେଖି ଦେଖି
ମୁଁ ବି ପାଗଳ ।

ଆଉ ଥରେ ପାଇବି ମୁଁ ତୋତେ
ତୋ ପବନ ହେବ ମୋର
ହଳଦୀ ଚନ୍ଦନ -
ଆତ୍ମହରା ହେବି
ସବୁକୁ ଭୁଲି ମୁଁ ଖାଲି
ତୋତେ ହିଁ ପାଇବି ।





# ଦେଖିନି ମୁଁ

ଦେଖିନି ମୁଁ ଗଲାବେଳେ
ଡାହାଣୀଆ ଖରାରେ
ତା ସୁଖା ରୁଖା ମୁହଁ
ଦେଖିନି ମୁଁ ସାଂସ ଲୋଭି
କୁକୁରର ଲହଲହ ଜିଭ
ଶୁଣିନି ମୁଁ ପାଗଳାର ଅଟ୍ଟହାସ୍ୟ
ବଡ଼ବଡ଼ିଆଙ୍କୁ ବିଦ୍ରୂପ ।

ଦେଖିନି ମୁଁ ବନ୍ଧୁ ପରିଜନ
ହୁତ୍‌ହୁତ୍ ଅଗ୍ନିର ଲେଲିହାନ ଶିଖା
କେତେ ଖଣ୍ଡ କାଠ, କିଛି ଘିଅ
ଖେଞ୍ଚା ଖେଞ୍ଚି
ଲୁହଭିଜା ଚକ୍ଷୁର
ବିମର୍ଷ ଚାହାଣୀ
କେମିତି ମୁଁ ଦେଖିଥାନ୍ତି ଗୁଚ୍ଛା ଯେତେ ସ୍ମୃତି ପୁଷ୍ପ
ନିର୍ବାକ ଦେବଦାରୁ ଗଛ ତଳେ
କେତୋଟି ମଣିଷ ।

ଚୁପ୍‌ଚାପ୍ ମୁହଁଟାକୁ ତଳ କରି
ଶୋଇଗଲି ଚିର ନିଦ୍ରାରେ
କିଏ କେଉଁଆଡ଼େ ଚାଲିଗଲେ
ଦୀର୍ଘ ଅତୀତର ଖଟାମିଠା

ଦିନ ସବୁ ଲୁଚିଗଲା
ଦୁଇମୁଠା ପାଉଁଶ ଭିତରେ ।

ହାତରେ ତୁଳସୀ ଧରି
ଚାଲିଲି ମୁଁ ଏକ ମୁହାଁ
ପଛରେ ସତୀଚଉଁରା
ପୁଣି ଏମିତି ଏକ
ମୁହୂର୍ତ୍ତକୁ ଚାହିଁ ରହିଥିଲା ।





## ମୋ ପ୍ରଭୁଙ୍କୁ ପଦୁଟିଏ

କେତେ ମୁଁ ପୂଜିବି ପ୍ରଭୁ
ପୂଜାର ମୋ ପଚ୍ଛାନ୍ତର ନାହିଁ
ସତ୍ୟଠାରୁ କଳି ଯାଏ
ପୂଜିଲି ମୁଁ ସବୁ ଦେବତାଙ୍କୁ
ତଥାପି ତ କ୍ଳେଶ ମୋର
ଦୂର ହେଲା ନାହିଁ ।

ମନ ଯାହା ଚାହୁଁଥିଲା
କେତେ ସ୍ୱପ୍ନ ଦେଖୁଥିଲା
ଗଢ଼ିବି ସୁନାର ସଂସାର,
ଦୁଃଖ କଷ୍ଟ ଦୂର ହେବ
ହସ ଖୁସି ମେଲିଯିବ
ପୂର୍ବରୁ ପଶ୍ଚିମ ଯାଏ
ଭାବିବା ହିଁ ହୋଇଗଲା ସାର ।

ରାଗ ଅହଙ୍କାର ଈର୍ଷା
ପରଶ୍ରୀକାତରତା
ଭୁଲ୍ ବୁଝାମଣାରେ ତ
ଚାଲେ ଏ ସଂସାର,
ଆଖି ଖୋଲି ଦେଖ ଥରେ
ପ୍ରଭୁ ରାମେଶ୍ୱର,
କାମାକ୍ଷା, ମିନାକ୍ଷୀ, ଶ୍ରୀମା,
ଜଗନ୍ନାଥ, ଶାରଳା, ବିରଜା
ନ ହୋଇ ନିଷ୍ଫଳ ।

ମନଦେଇ ପୂଜେ ଯେତେ
ଦେବାଦେବୀ - ମାଗେ ନାହିଁ ଧନ
ମାନ ମୋର ଆଉ ଲୋଡ଼ା ନାହିଁ
ଢାଳି ଦିଅ ଆର୍ଶୀବାଦ
ମନକୁ ମୋ ନକର ନିଧନ ।

ଯଦି କିଛି ଦେବାପାଇଁ ଇଚ୍ଛା
ଢାଳି ଦିଅ ମୋ ପଣତ କାନିରେ
ଧନ ମୋର ଲୋଡ଼ା ନାହିଁ
ଖାଲି ଦିଅ ହସର ଲହଡ଼ି
ମୋ ପିଲାଙ୍କ ବେଳାଭୂଇଁ ଛୁଇଁ
ଫେରିଯାଉ ସମୁଦ୍ରକୁ ଡେଇଁ ।
ସେ ହସକୁ ପିଇବାର ନିଶା ତ ଘାରିଛି -
ପାଇବି କି ନା ଜାଣେନି ମୁଁ
ତଥାପି ତ କୁହୁଡ଼ି ପିଉଛି ।

ଭାଗ୍ୟଠାରୁ ବଡ଼ କିଛି ନାହିଁ
ବୃଥାରେ ଛଟପଟ ହୋଇ
ବିଳପିତ ମନ ମୋର
କାନ୍ଦି ଉଠେ କଇଁକଇଁ ହୋଇ ।

ପୁଣି ଥରେ ଫେରି ଆସେ
ତୁମ ପାଦେ ସବୁ ମୋର
ସମର୍ପିବା ପାଇଁ ।





# କ୍ଷୁଧା

ପେଟର କ୍ଷୁଧାଠାରୁ
ମନ କ୍ଷୁଧା ତୀବ୍ରତର
ଦେହ କ୍ଷୁଧା ସମୁଦ୍ର ଜୁଆର ।

ଥାଳ ଧରି ଭିକ ମାଗେ
ଚାଖଣ୍ଡେ ପେଟ ପାଇଁ
ମନ କ୍ଷୁଧା
ଅନନ୍ତ ଆକାଶ ସମ
ଦିଗବଳୟ ଯାଏ ଛୁଇଁ ।

ଦେହ କ୍ଷୁଧା ରହିଯାଏ ଗୋପନରେ
ଧାଡ଼ି ଧାଡ଼ି ଅକୁହା ଭାଷା ସବୁ
ଲେଖି ହୁଏ ଲୁହଝରା କଲମରେ ।

କିଏ ପଢୁ ବା ନ ପଢୁ
ଚକ୍ ଚକ୍ ବିଜୁଳି ଆଲୁଅରେ
ଧାଡ଼ି ସବୁ ଦିଶିଯାଏ ।

ମନକୁ ଛୁଇଁବା ପାଇଁ
ଘଡ଼ଘଡ଼ି ଶବ୍ଦ ଭେଦି
ଭାସିଆସେ ସ୍ୱର
ମନ କ୍ଷୁଧା ଦେହ କ୍ଷୁଧା ମେଣ୍ଟିଯାଏ
ସମ୍ପର୍କଟା ଆଜି ନୁହେଁ ଯୁଗ ଯୁଗର ।

# ମହୋଦଧି ତୀରେ

ମହୋଦଧି !
ଆନନ୍ଦରେ ଫୁଲି ଉଠେ ବକ୍ଷ ତୋର
ଲକ୍ଷ ଲକ୍ଷ ନରନାରୀ ଦେଖି ତୁ ବିଭୋର
ଲୋଟିଯାଉ ପାଦ ତଳେ ବାଲି ସରସର
ପଛକୁ ମୁଁ ଭୁଲିଯାଏ ଚାହିଁ ତୋତେ ବାରମ୍ବାର

ତୋ ବକ୍ଷରେ ନାଚି ନାଚି
ନାଉରିଆ ମାଛ ଧରେ
ଗୀତଗାଏ ମନ ମତାଣିଆ
ନୋଳିଆ ହାତକୁ ଛନ୍ଦି
ଲହଡ଼ି ଭାଙ୍ଗିଯାଏ
ଦୂର ଗାଁ ନହୁଲୀ କନିଆ ।

ହଜିଯାଏ ସବୁ କ୍ଳେଶ
ଦୁଃଖ ରାଶି ମୋର
ଧୋଇଯାଏ ପାପ
ନୂତନ ଆଶା ଓ ପ୍ରତୀକ୍ଷା ନେଇ
ବଞ୍ଚିବାର ଇଚ୍ଛା
ଠେଲିଦିଏ ତୋ ଛାତିକୁ
ଯେତେ ସବୁ ସୃଷ୍ଟି ହୁଏ
କରୁଣ ବିଳାପ ।





# ସ୍ପର୍ଶ

ତୁମ ସ୍ପର୍ଶ ମମତାର ସୌଧ
ଅବିଚ୍ଛିନ୍ନ ମା ଓ ମମତା
ଯେତେ କଲେ ବି ଅପରାଧ

ପ୍ରେମିକ,
ତୁମ ସ୍ପର୍ଶ
ଶିହରଣ ଆଣିଦିଏ
ବିଜୁଳି ଝଲକି ଉଠେ
ଘନ ବାଦଲ କୋଳରେ
କିନ୍ତୁ ସେ ଯେ କ୍ଷଣିକ
ଆଖି ପିଛୁଳାକେ
ଖୁବ୍ ନିସ୍ତବ୍ଧ - ଚୁପ୍‌ଚାପ୍

ଗୋଲାପ
ତୋ ସ୍ପର୍ଶ ଖୁବ୍ ମୁଲାୟମ
ପରିରାଇଜରେ କରେ ବିଚରଣ
ରାଶି ରାଶି ଆନନ୍ଦ
ଉଦ୍‌ଫୁଲିତ ମନ
ଆଃ - କି ସୁନ୍ଦର ।

କଣ୍ଟକ
ତୁ ସର୍ବଦା କଣ୍ଟକ
ତୋ ସ୍ପର୍ଶକୁ କରେ ନିମନ୍ତ୍ରଣ ।

# ଏଇଟି ମୋ ଶେଷ ଚିଠି

ଏମିତି ଚିଠିତ ମୁଁ କେତେ ଲେଖିଛି
ଏଇଟି ଲେଖିଲାବେଳେ
ମୋ ହାତଟା କାହିଁକି ଥରୁଛି ?
ତୁମେ କ'ଣ ଦେଖୁ ନାହଁ
ଏମିତି କାଗଜ ଭିତରେ
କେତେ ମୁଁ ହଜିଛି ?
କଟା କଟି ଜୋଡ଼ାଜୋଡ଼ି କରି
ଦିନ ବିତାଇଚି ।

ପାଇବା ନ ପାଇବା ଭିତରେ ହଜି ଯାଇନି
କର୍ତ୍ତବ୍ୟକୁ ପାଥେୟ କରି
ଲମ୍ବା ବାଟ ଚାଲି ଚାଲି
ମୁଁ ତ କାହିଁ ଥକୁନି !
ମନବଳ ତୁମଠୁଁ ଶିଖିଛି
ଯେଉଁଠି ଥାଅ ତୁମେ
ମାଗୁନି ତୁମକୁ କିଛି
ମୋ ଲୁହକୁ ପୋଛିଦିଅ
ମୁଣ୍ଡକୁ ଆଉଁସିଦିଅ
ସବୁ ସୁଖ ଅଜାଡ଼ିଦିଅ
ମୋ ପିଲାଙ୍କ ଝୁଲିରେ
ମୋ ହାତକୁ ଧରି ତୁମେ
ନେଇଯାଅ ତୁମର ସେ ଦୁନିଆକୁ ସାଙ୍ଗରେ ।





# କାଗଜ ଡଙ୍ଗା

କାଗଜର ଡଙ୍ଗା
ଆକାରରେ ଛୋଟ
ଅନେକ ଯତ୍ନରେ
ମୋ ହାତରେ ଗଢ଼ା ସେ ଡଙ୍ଗା

ପଠାଉଛି ତାକୁ ଦୂରଦେଶକୁ
ମୋ ବଂଧୁ ପାଖକୁ
ତା ଭିତରେ ଭରିଛି ଯେତେ ମୋର ଅନୁଭୂତି
ମୋ ସକଳ ଭାବନା, କଳ୍ପନା

ସାଧବ ପୁଅର ବୋଇତଠୁଁ
ଭାରି ମୋର ଡଙ୍ଗା
ମୋତି ନାହିଁ, ମାଣିକ୍ୟ ନାହିଁ
ଖାଲି ଦରଦ ଓ ସ୍ନେହ
ଆଶା ଆଉ ଉତ୍କଣ୍ଠାରେ ଭରା
କେଉଁ ଦିନ ପହଂଚିବ ଆଖି ପାଏନାହିଁ
କିନ୍ତୁ ଦିନେ ନିଶ୍ଚେ ପହଂଚିବ
ଏ ଆଶା ହାରିନି ।

# ରେଭେନ୍ସାରେ ସନ୍ଧ୍ୟା

ରେଭେନ୍ସା ! ତୁମେ କି ମହାନ୍
ସନ୍ଧ୍ୟା ତୁମ ସୁଶୋଭିତ
ରକ୍ତିମ ଛଟାରେ
କାକଳିର କଳକଳ ରବେ
ସବୁଜ ଗାଲିଚା ପରେ
କୁନାକୁନି ହସ ଖେଳ ମେଳେ
ମଲ୍ଲୀଗୁଚ୍ଛର ବାସ୍ନାରେ
ଚାହିଁ ରହେ ତୁମର ସେ
ସୌମ୍ୟ ଦର୍ଶନରେ ।

ଦିବସର କୋଳାହଳ ଶୂନ୍ୟ
ଖୁବ୍ ନିରୋଳା
ଆଶା ଓ ଆକାଂକ୍ଷା ନେଇ
ଫେରିଗଲେ ଭାବି ବଂଶଧର
ଭାଗ୍ୟ ହେବ ନିର୍ଦ୍ଧାରିତ
ହେଲେ କରୁଣା ଅପାର ।

ବିରାଟ ଗୋଲକ ମଧ୍ୟରେ
ମୁଁ ଏକ ବିନ୍ଦୁ ମାତ୍ର
ସଂଜ୍ଞା ଖୁବ୍ ଛୋଟ
କିନ୍ତୁ ଭାବନା ଅସୀମ
ଏମିତି ଭାବୁ ଭାବୁ
ସୁଦୀର୍ଘ ଦେବଦାରୁ ହଲିଯାଏ
ଚିଁଚାଁ ଶବ୍ଦ ଶୁଣେ ପକ୍ଷୀ ଦମ୍ପତ୍ତିର ।





ହେ ପ୍ରଭୁ ପକ୍ଷୀଟିଏ କରି ଥୋଇଦିଅ
ସେହି ଡାଳରେ
ଯେଉଁଠି ପବନର ହିଲ୍ଲୋଳରେ
କାକର ଖରାରେ
ମୋ ଶାବକ ଆଶ୍ରା କରେ

ଅବା –
କୁନା କୁନି ହୋଇ
ଏମିତି ଏକ ସନ୍ଧ୍ୟାରେ
ସନ୍‌ଡାୟାଲ୍ ଧାରେ ଧାରେ
ସୂର୍ଯ୍ୟଙ୍କର ଅସ୍ତରାଗରେ
ଲୋଟିଯାଏ ରେଭେନ୍ସା ବୁକୁରେ ।

ହେ ରେଭେନ୍ସା !
ହସ ଲାଗୁଥିବ ତୁମକୁ
ପାଗଳିର ପ୍ରଗଲ୍‌ଭତା ପାଇଁ
ଏ ଯେ ମୋ ମନର ଝଙ୍କାର
ଯେଉଁଥିରେ ଛନ୍ଦ କି କପଟ ନାହିଁ ।

ନମସ୍ୟା ରେଭେନ୍ସା
ଦିନ ରତରତ
ଏମିତି ସନ୍ଧ୍ୟାକୁ ତବ
କରୁଛି ସ୍ୱାଗତ
ଜୀବନରେ ପୁଣି ଥରେ
ପୁଣି କେଉଁ ଜନ୍ମରେ
ଆସି ପାରିବତ ?

## ବର୍ଷା

ଏମିତି ବର୍ଷା ଅନେକ ବର୍ଷିଛି
ଭିତରେ ବାହାରେ
ଟିକିଏ ତ ହସି ନାହିଁ
ବରଂ କାନ୍ଦିଛି, ଚୁପ୍‌ଚାପ୍ ମନ ମାରି ଦୁଃଖରେ ।
ବର୍ଷା ସହ ମୋର ଏ ସମ୍ପର୍କ
ଆଜି ନୁହଁ,
ଜନ୍ମ ଜନ୍ମାନ୍ତରୁ, ଏନ୍ତୁଡ଼ି ଶାଳରୁ ।

ବାଦଲ ଯେବେ ଘୋଟିଯାଏ,
ଘନ ଅନ୍ଧାରରେ ଆକାଶ ଡୁବିଯାଏ
ରୁଦ୍ଧ ହୋଇଯାଏ ମୋର ତଣ୍ଟି
ଦ୍ରବୀଭୂତ ସମସ୍ତ ଭାବପ୍ରବଣତା
ବୋହିଯାଏ ସୂକ୍ଷ୍ମ ସୁଅ ହୋଇ ।

ଟପ୍‌ଟପ୍ ପତ୍ର ଉପରେ ଝରିପଡ଼େ ବର୍ଷା ପାଣି
ଚାହିଁଥାଏ ନିର୍ନିମେଷ ନୟନରେ
ଭୂତ ଓ ଭବିଷ୍ୟତର ଭାବନାରେ
ସ୍ଥାଣୁଟିଏ ହୋଇ ।
କିଏ ବୁଝେ, ବା ନ ବୁଝେ
କାନ୍ଦିବାର ଅର୍ଥ
ମୁଁ ବି ଜାଣେନା କାହିଁକି ଲୁହରେ
ସବୁ ଦୁଃଖ ଅଜାଡ଼ି ପଡ଼େ
ଅସହାୟ ଲାଗେ ।





ବର୍ଷା, ତୋ ସହିତ କଳି କରିବାକୁ ଇଚ୍ଛା ହୁଏ ।
ହସାଇବାର ଇଚ୍ଛା ଯଦି ନାହିଁ
କନ୍ଦାଉ କାହିଁକି ?
କ'ଣ ପାଉ ? ହିସାବ କରିଛୁ କି ?
ଏଇ ଶୂନ୍‌ଶାନ୍ ବାରଣ୍ଡାରେ ଛିଡ଼ା ହୋଇ
ତୋରି କଥା ମୁଁ ଭାବୁଛି,
ତୁ ମୋ ପାଇଁ କ'ଣ ?
ଖାଲି ଦୁଃଖ ମିଶା ଦୁଇଧାର ଲୁହ
ନା ଆଉ କିଛି !!

# ନିଶ୍ଚୟ ଆସିବୁ

ବାରବାର ଆସୁଛୁ
ଭୁଲିବାକୁ ଅନେକ ପ୍ରଚେଷ୍ଟା
ପାରୁନିରେ ବାବୁ
କାହା ଆଗରେ କହିବି
ତୁ କେମିତି ଆସୁଛୁ ।

ଫୋନରେ ଆସୁଛୁ
ଜନ ପଟୁଆରରେ ଆସୁଛୁ
ଭୋଜିଭାତରେ ଆସୁଛୁ
ଟିଭି ଖେଳରେ ଆସୁଛୁ ।

ମୋ ଘରକୁ ଆସୁଛୁ
ଅପା ବୋଲି ଡାକୁଛୁ
ତୋ ଘରକୁ ଡାକୁଛୁ ।

ଚାହିଁଛିରେ ବାବୁ
କେଉଁଦିନ ଡାକିବୁ
ଅପା ନୁହେଁ ମା ବୋଲି କହିବୁ ।

ମନେହୁଏ ବାଟ ଭୁଲି ଯାଇଛୁ
ଏଣେ ତେଣେ ବୁଲୁଛୁ
ଜନ ସମୁଦ୍ର ମଝିରେ ହଜି ଯାଇଛୁ ।

ପୁଣି ବାଟ ପାଇବୁ
ବାପା ବୋଉ ପାଖକୁ ଫେରିବୁ





ପତ୍ର ପକାଇ ଭାତ ମାଂସ ବାଢ଼ିବୁ
ଏ ବିଶ୍ୱାସ ମୋର ଅଛି
ତୋ ବାଟକୁ ଚାହିଁଛି ।

ଭଲ ଦିନ ଆଜି
ସାରା ଦୁନିଆ ପାଇଁ ।
ମାତ୍ର ମୋ' ପାଇଁ ସବୁ ଭଲ ଦିନ
ତୋ'ରି ସ୍ମୃତିରେ
ଏଇମିତି ଲୁହ ଭିଜା
ତୁ କ'ଣ ଜାଣି ପାରୁନୁ ?
ଥରେ ଡାକ୍ - ମୁଁ ନିଶ୍ଚୟ ଯିବି
ତୋ ନିମନ୍ତ୍ରଣ ନିଶ୍ଚୟ ରଖିବି ।

ଗପପେଡ଼ି ଖୋଲିବା
କେତେ ସୁଖ ଦୁଃଖ ହେବା
ପିଲାଦିନ ଖୁଡ଼ୀ ବୋଉ କଥା କହି
ହସି ହସି ଗଡ଼ିବା ।

ଅପା ପାଇଁ ଛେନା ଆଣ
ମାଂସ ରାନ୍ଧ, ଭଲ ମାଂସ ଦିଅ
ସବୁ ମାନ ମନାନ୍ତର ଭୁଲିବୁ
ପତ୍ରପକାଇ ପଙ୍ଗତ କରିବୁ ।

ଘର ତୋର ପୁରି ଉଠିବ
ଲୁହ ମୋର ଓଠ ପିଇଯିବ
ଖୁଆଇ ପିଆଇ ବିଦା କରିବୁ ।
ଗାଡ଼ି ପୁଣି ଦାଣ୍ଡ ଛାଡ଼ିବ
ବାଟ ସାରା ତୋ ପୋଷାକ ଦିଶିବ
ତୋ ହସ, ତୋ କଥା କାନରେ ଶୁଭିବ ।

ପୁଣି ଖୋଜିବି ଏଣେ ତେଣେ
ବଡ଼ଦାଣ୍ଡରେ, ଚଣ୍ଡିମନ୍ଦିରରେ
ଖେଳ ପାଖରେ, ଟି.ଭି. ଭିତରେ
ମାଂସ ରନ୍ଧା ଅବା ଗପ ଆସରରେ
ନିର୍ବାଚନ ପଟୁଆରରେ ।

ବାରମ୍ବାର ନିଶ୍ଚୟ ଆସିବୁ
ମୋ ମନକୁ ବୁଝାଇବୁ
ଅହରହ ଝୁରୁଛିରେ ଧନ
ନିଶ୍ଚୟ ତୁ ଆସିବୁ ।

ଅପା ରାଣ ନିଶ୍ଚୟ ଆସିବୁ
ଦିନରାତି କାହାକୁ ଖୋଜୁଛି ମୁଁ
କେହି ନ ଜାଣିଲେ ତ
ତୁ ନିଶ୍ଚୟ ବୁଝିବୁ ।

ଥରେ ମୋତେ ଡାକିବାକୁ ଆସିବୁ
ମୋ ଘରକୁ ଆସିବୁ
ନିଶ୍ଚୟ ଆସିବୁ ।





# ଅର୍ପଣ

ପ୍ରଭୁଙ୍କୁ ମୁଁ ଅର୍ପିବି
ନାଲି ନୁହେଁ, ନୀଳ ନୁହେଁ, ସବୁଜ ବି ନୁହେଁ
ଧୋବ ଫରଫର ଫୁଲଟିଏ ।
ମନକୁ ତ ପାଉନି
କେମିତି ଅର୍ପିବି ମାତ୍ର ଗୋଟିଏ ।

ହାରଟିଏ ଗୁନ୍ଥିବି, ମନ ଦେଇ
ଶ୍ରଦ୍ଧା କରି ଲମ୍ବାଇବି ମୋ ପ୍ରଭୁ ଗଳାରେ
ସମୟ ବି ନାହିଁ
ଜଞ୍ଜାଳ ଖାଉଛି,
ତେବେ କ'ଣ ଅପୂରଣ ହେବ ମୋର ଆଶା
ନୁହେଁ ମୁଁ ନିରାଶା ।

ଯତ୍ନକରି ତୋଳିଲି ମାଳତୀ
ସବୁଜ ପତ୍ର ଗହଳରେ
ଉଦ୍‌ବିଗ୍ନ ଚିତ୍ତରେ
ଅପେକ୍ଷା କରିଥିବା ମୋ ପ୍ରଭୁଙ୍କର
ମନହରା ମାଳତୀ ।

ହାରଟିଏ ଗୁନ୍ଥିବି
ସବୁ ସୁଖ ଦୁଃଖକୁ ଭରିବି
ତା ବାସ୍ନାରେ ମହକି ଉଠିବ ମୋ ହାର
ଦୁଃଖ ସବୁ ଅପସରି ଯିବ
ଖାଲି ଯାହା ରହିଯିବ ସୁଖର ସମ୍ଭାର ।

ମନଟା ଧାଇଁଛି
ଗାଡ଼ି ବି ଧାଇଁଛି
ମାଳତୀର ହାର ଲମ୍ବି ଲମ୍ବି ଯାଉଛି
ହେ ବିଶାଳ ମହାବାହୁ
ଖୁସି କରାଇବି,
ଆନନ୍ଦାଶ୍ରୁ ଢାଳି ଦେବି
ଲମ୍ବାଇବି ତୁମ ଗଳାରେ
ଗୁନ୍ଥି ଯାଏ ଯେତେ ସବୁ ମାଳତୀ
ରହିଛନ୍ତି ମୋ କୋଳରେ ।

ପହୁଡ଼ ପଡ଼ିଛି
ଅପେକ୍ଷା କରିବି ପ୍ରଭୁ
ତୁମ ଦର୍ଶନରେ ଆତ୍ମହରା ହେବି
ସମର୍ପିବି ମୋ ହାତ ଗୁନ୍ଥା ମାଳତୀର ହାର
ତୁମେ ନିଶ୍ଚେ ନୋଇଁ ଦେବ ବେକ
ତୁମର ସେ ଚମତ୍କାର ରୂପ ଦେଖି
ହୋଇବି ବିଭୋର ।

ପହୁଡ଼ ଖୋଲିଲା
ଶଂଖ ହୁଳହୁଳିରେ ମନ୍ଦିର କମ୍ପିଲା
କମ୍ପିଲା ମୋ ହୃଦ ବୀଣା
ମୋ ହସ୍ତରେ ମାଳତୀର ହାର
ଯେଉଁଥିରେ ହେବେ ପ୍ରଭୁ କିଣା ।

ଗହଳିର ପଟ୍ଟାନ୍ତର ନାହିଁ
ଦୂରରେ ଚାହିଁଛନ୍ତି ପ୍ରଭୁ ଚିନ୍ତାମଣି
ପଣ୍ଡାଙ୍କୁ ଗୁହାରି
ଲମ୍ବାଇ ଦିଅ ମୋ ହାର





ଖୁସି ହେବେ ନିଶ୍ଚୟ ସେ
ମନ କଥା ଜାଣି ।

ଲମ୍ବିଥିଲା ପତିତପାବନ ବାନା
ଲମ୍ବିଥିଲା ତୁମ ଗଳାରେ
ଶ୍ରଦ୍ଧାରେ ଗୁନ୍ଥା ମୋର ମାଳତୀର ହାର
ସେତ ନୁହେଁ ଖାଲି ଫୁଲ ହାର
ମୋ ସୁଖ ଦୁଃଖର ଏକ ସମାହାର ।

# ନିଦ୍ରା

ମୋ ଆଖିର ଯେତେ ସବୁ ନିଦ୍ରା
ମୁକ୍ତା ହେଲା ତୁମ ନୟନରେ
ତୁମ ଓଠର ଲାସ୍ୟମୟ ହସ
ଲୁହ ହୋଇ ମିଶିଲା ମୋ ଓଠରେ ।

ତଥାପି ବଞ୍ଚିଛି
ବଞ୍ଚିବାର ଅଭିନୟ କରି
ବାରମ୍ବାର ଥକି ପଡ଼ିଚି
ଥକା ପାଦେ ତୁମ ସ୍ପର୍ଶ ଅମୃତ ମଣିଛି ।

ତର୍ଜମା କରି କରି ଚାଲିଗଲା କେତେ ଦିନ
ମଣିଷର ଚରିତ୍ର ଭିନ୍ନ
ଭିନ୍ନତାର ମାପ ଅଛି
ଅମପା ଭିନ୍ନତା ଦିବାରାତ୍ରି
ଦେହ ମନ ଘାରୁଛି ।
ନଈଟିଏ ହୋଇ
ପାହାଡ଼ ପର୍ବତ ବନ୍ଧୁର ସମତଳ ଦେଇ
ଦଉଡ଼ି ଦଉଡ଼ି ଥକିଲି,
ମୋ ପ୍ରିୟ ସମୁଦ୍ରକୁ ଖୋଜିଲି,
ଆତ୍ମ ବିସର୍ଜନ କଲି
ଥକା ମେଣ୍ଟାଇଲି
ଶେଷରେ ତା ଛାତିରେ ହଜିଲି ।





ତା ଆଖିର ସବୁ ନିଦ ନେଇ
ଯୁଗ ଯୁଗ ନିଦ କଲି ମୋ ଆଖିରେ
ତା ଓଠର ହସ ସବୁ
କାନ୍ଦ କଲି ମୋ ପ୍ରିୟଙ୍କ ବୁକୁରେ ।

ତୁଳସୀକୁ ହାତେ ଧରି
ଚାଲିଲି ଲମ୍ବା ରାସ୍ତାରେ
ତୁମ ଦର୍ଶନରେ ।

## ସମୀକ୍ଷା

ଯେତେସବୁ ମୁକ୍ତା ବିନ୍ଦୁ
ଲୁହ ହୋଇ ଝରିଗଲା
ଏନ୍ତୁଡ଼ି ଶାଳ ଆଉ ଜୁଇ ନିଆଁ
ଖୁବ୍ ଛୋଟ ବ୍ୟବଧାନ
ଏଇତ ସଂକ୍ଷିପ୍ତ ସମୀକ୍ଷା ।

ଦୁଇଟି ଆଖିର ଢଳଢ଼ଳ ଲୁହ ବିନ୍ଦୁ
ଶୁକ୍ର ତାରା ହୋଇ ଦିଶିଲା ଗଗନେ
ଅପେକ୍ଷା ତୁମ ପାଇଁ ଖୁବ୍ କଷ୍ଟ ହେଲା
ସୂର୍ଯ୍ୟର ପ୍ରଜ୍ୱଳିତ ରଶ୍ମି ଭିତରେ
ନିଶ୍ଚିହ୍ନ ହେଲ ତୁମେ
ଆଉ ଏକ ପ୍ରଭାତ ବା ପ୍ରଦୋଷ
କେବେ ବା ଆସିବ ?
ଏଇତ ଜୀବନ ସମୀକ୍ଷା ।

ଥକିଲା ପାଦରେ
ଆଉ କେତେ ବାଟ ?
ଖୁବ ସଟ୍‌କଟ୍
ଗୋଲାପ ପାଖୁଡ଼ା ଉପରେ
ସକାଳର କାକର ବିନ୍ଦୁ
ମୁକ୍ତା ଭଳି ଦିଶେନି
ଖାଲି କଣ୍ଟାକୁ ଚାହିଁ ଚାହିଁ
ଜୀବନ ସମୀକ୍ଷାର ଅନ୍ତ ହୁଏ





ବିବଶ ମନଟା କାନ୍ଦି ଉଠେ
ଡରରେ ଶୀତେଇ ଯାଏ
ଅବଶ ଦେହଟା ଲୋଟିଯାଏ
ଖାଲି ଅପେକ୍ଷା କରେ
ରାମନାମ ସତ୍ୟ ହେ
ହରି ନାମ ସତ୍ୟ ହେ ।

ଅଭାବ - ଖୁବ୍ ସୁଆଦିଆ
ଜୀବନକୁ ଚାଖିବାର ଏକ ସୁନ୍ଦର ଆଚାର
ତନ୍ନ ତନ୍ନ କରି ବିଶ୍ଳେଷଣ କରିବାର ଆନନ୍ଦ
ପ୍ରାଚୁର୍ଯ୍ୟରେ ଖାଲି ଦିଆ ନିଆ ।

ଶୂନ୍ୟ - ଖୁବ୍ ଏକ ବିରାଟ ଶୂନ୍ୟ
ନାହିଁ ଅଭିଳାଷ
ଝଡ଼ଝଞ୍ଜା ଛୁଏଁ ନାହିଁ
ଆକାଂକ୍ଷାର ଏକ ବିରାଟ ଛକି ।

ଜୀବନଟା ଖଟା କି ମିଠା
ଯା'ର ଜାଣିବାର ପ୍ରୟାସ ନାହିଁ
ସେ ହିଁ ଏକ ମାତ୍ର ସୁଖୀ
ଏଇତ ଜୀବନର ସମୀକ୍ଷା ।

## ଟୋପାଏ ଲୁହ

ଆପେ ଆପେ ଆଖିଟା ବନ୍ଦ ହେଲା
ଟୋପାଏ ଲୁହ ଠପ୍ କରି ଗଡ଼ି ପଡ଼ିଲା
ତା ଭିତରେ ଅସୁମାରି ପ୍ରତିବିମ୍ବ
ଦୀର୍ଘଦିନର କୁହା ଅକୁହା
ଘଟଣାର ଛବି - ନିମିଷକେ
ଦୃଶ୍ୟମାନ ହେଲା ।

ପୃଷ୍ଠା ପରେ ପୃଷ୍ଠା ଓଲଟି ଚାଲିଲା
ଜେଜେମାଙ୍କ ପଢ଼ାଇବାର ଯିଦ୍
ଠାରୁ ଆରମ୍ଭ କରି ଜାପାନର
ପ୍ରଶସ୍ତ ରାସ୍ତା ଯାଏ - ସ୍ମୃତି ସବୁ
ପରିଷ୍କାର ଦିଶିଲା ।
କଲେଜରେ ନାଁ ଲେଖା -
ଅବସର ଯାଏ ସବୁଦିନର ପଞ୍ଜିକା
ସେ ଅଇନାରେ ଦିଶିଲା ।

ବଧୂବେଶ, ମାତୃତ୍ୱ ସବୁ ଥିଲା
ସେ ପ୍ରତିବିମ୍ବରେ
ଦୁଃଖର ପସରା ମେଲିଗଲା
ଅବହେଳିତ ଆତ୍ମା ଚିତ୍କାର କଲା
ଶବାଧାର ଧାରେ ଧାରେ ଚାଲିଥିବା ପ୍ରିୟଜନ
ମୁହଁ ସବୁ ଦିଶିଗଲା ।





''ମା'ର ସ୍ମୃତି ଭୁଲିବୁ କିପରି ?''
ପଦଟିଏ ନିର୍ବାକ ମୁହଁରୁ
ଶୁଣିବାର ସୌଭାଗ୍ୟ ନଥିଲା ।
ବନ୍ଧୁଙ୍କର ଦୁଃଖ -
କଲମଟା ଥମ୍ କରି ରହିଗଲା
''ତୁମେ ସବୁ ଅବସର ନେବ''
ସେ ଟୋପାରେ ପ୍ରତିଧ୍ୱନୀ
ବାରମ୍ବାର ଶୁଭୁଥିଲା ।

ଯତ୍ନ କରି ସେ ଆଇନା
ସାଇତି ରଖିଲି
ସେ ଆଇନା ଦେଖାଇବ
ଭୂତ ଭବିଷ୍ୟତ
ଅନେକ କୁହା ଅକୁହା କାହାଣୀ
ବାରମ୍ବାର ଦେଖୁଥିବି
ଅନେକ ଛବି
ଶୁଣୁଥିବି ଖଟାମିଠା ବାଣୀ ।

# ଶତାବ୍ଦୀର ନୂଆ ସୂର୍ଯ୍ୟ

ଶୂନ୍ୟତାକୁ ବାରବାର
ପଚାରେ ମୁଁ କେତେ ପ୍ରଶ୍ନ
ହିମାଳୟଠୁ କନ୍ୟାକୁମାରୀ
ଉତ୍ତର ପାଏନି ।

ପତିହରା କାଠ୍‌ମାଣ୍ଡୁ ଯାତ୍ରୀ
ଏରସମାର ଛପରହୀନ
ଭିଟାମାଟି ଉପରେ
ଜୁଳୁଜୁଳୁ ଚାହିଁଥିବା
ଅନାଥ ଶିଶୁ
ସବୁରି ଦୂଆରେ ତୁ ଉଭା
ମୋତେ ବା ଛାଡ଼ିବୁ କେମିତି ?

ଆଜି ନୁହଁ, ଅନେକ ଦିନର
ସାଥୀ ମୋର
ଅନ୍ତର ଭିତରେ ଆଉ
ଦୁନିଆ ଆଖିରେ
ମାନୁଛି ମୁଁ ଭୁଲ୍ ମୋର
କ୍ଷମା କ'ଣ କରିବନି ?
ଶୂନ୍ୟତାକୁ ଅପସରି ଦିଅ
ମାଳୀ ମୋର ଲୋଡ଼ା ନାହିଁ
ଖାଲି ଆହା ବୋଲି କୁହ





ବଗିଚା ମୋ ହସିବ
ଗୋଲାପ ଓ ରଜନୀଗନ୍ଧାରେ
ସେ ଗଂଧକୁ ପିଇଯିବି
ଚୁମି ଯିବି ଆଉ ଯେତେ ଫୁଲ
ଶୂନ୍ୟତାକୁ ପେଲି ଦେବି
ପାରାଦ୍ୱୀପର ଉତ୍ତାଳ ତରଙ୍ଗକୁ
ଚିହ୍ନବର୍ଣ୍ଣ ଦିଶିବନି
ଜାକିଜୁକି ଶୀତୁଆ ରାତିରେ
ଘୁଙ୍ଗୁଡ଼ି ମାରିବି ।

ନୂଆ ଶତାବ୍ଦୀରେ
ନୂଆ ସୂର୍ଯ୍ୟ ଆଣି ଦେବ
ମନଛୁଆଁ କାହାଣୀର ପେଡ଼ି
ଦେହଟା ଶୀତେଇ ଉଠିବ
ସ୍ୱପ୍ନ ଭାଂଗିଯିବ
ଅଟ୍ଟହାସ୍ୟ କରି
ଶୂନ୍ୟତା ମୋ ଦୁଆରୁ
ମେଲାଣି ମାଗିବ ।

## ବିଳାପ

ବର୍ଷଟିଏ ଚାଲିଗଲା
ବର୍ଷ ନୁହେଁ ଦିନଟିଏ
ଦିନ ନୁହେଁ ଘଣ୍ଟାଟିଏ
ନିମିଷକେ ମାତ୍ର ।
ବିଶ୍ୱାସ ହେଲା ନାହିଁ
ତୁ ଅଛୁ ବହୁ ଦୂରେ
କ୍ରସ ରୋଡ଼ରେ - ଚାଲୁଚାଲୁ
ବାଟ ଭୁଲି ଚାଲିଛୁ ତୁ
ଅମଡ଼ା ବାଟରେ

ଝୁରିଝୁରି ଲୋଟିଯାଏ
ଅଲିଅଳି କନ୍ୟା ତୋର
ପ୍ରତି ମୁହୂର୍ତ୍ତକୁ ତୋର
ଝୁରୁଛି ମୁଁ
ଖାଲି ମୁଁ ନୁହଁ
ତୋ ଜ୍ଞାତି କୁଟୁମ୍ବ
ବନ୍ୟା କ୍ଲିଷ୍ଟ ବୃଦ୍ଧର ଗରମ ନିଃଶ୍ୱାସ
ଲମ୍ବା କ୍ୟୁରେ ଅନାଥ ଶିଶୁର ଚାହାଣୀ
ସ୍ୱାମୀହରା ତରୁଣୀର ଶୀତଳ ଲୋତକ
ଥୁଣ୍ଟା ଦେବଦାରୁ ନୀଡ଼ହରା ପକ୍ଷୀଶାବକ
ସବୁଠି ତୋର ଅଭାବ
ଅସହାୟ ଜନତାର ବିଳାପ





ବାକି ଆଉ ଗୋଟେ ଦିନ
କେମିତି ଆସିବୁ ?
ରଥରେ ନାଁ ଘୋଡ଼ାରେ
ଗଳାରେ ଝଟକିବ ପୁଷ୍ପମାଲ୍ୟ
ଝୁଲିଝୁଲି ଆସିବୁ ପଟୁଆରରେ
ବିଜୟର ଟିକା ପିନ୍ଧି ଆସିବୁ ତୁ
ଆନନ୍ଦରେ ଲୋଟିଯିବି
ବର୍ଷକର କାହାଣୀ ଶୁଣାଇବି
ଫେରି ପାରିବୁନି
ରହିଯିବୁ ବାପାବୋଉ କୋଳେ
ଅପା, ଦେଈ ହସ ଖେଳମେଳେ
ପ୍ରାଣପ୍ରିୟା ପଣତ କାନିରେ
ଏମିତି ସ୍ୱପ୍ନ ମୁଁ ଦେଖୁଛି
ଥରେ ନୁହେଁ ବାରମ୍ବାର ଦିନରେ ରାତିରେ ।

# ମୁଦ ଦିଆ ଲଫାପା

ତୁମକୁ ଚିଠିଟିଏ ଲେଖିଲି
ଯତ୍ନ କରି ଲଫାପାରେ ଭରିଲି
ପଠାଇଲି ମୋର ପ୍ରିୟ ବଂଧୁଙ୍କ ହାତରେ
ପାଇଲ କି ନ ପାଇଲ ଜାଣିତ ପାରିଲିନି
ଦୟା କରି ଜଣାଇବ ଡାକରେ ।

ହୃଦୟଫଟା କାହାଣୀରେ
ଭରିଛି ମୋ ଚିଠି
ବିରକ୍ତ ହେବନି
ମନ ଦେଇ ପଢ଼ିବ
ବେଶୀ ସମୟ ତୁମର ନେବିନି ।

ପଢ଼ିସାରି ମନ ତୁମର
ଭାରାକ୍ରାନ୍ତ ହେବ
ଉଦାସୀନ ନୟନରେ ମୋ ମୁହଁ ଦେଖିବ
ସେ ମୁହଁରେ ଦରଫୁଟା ହସ
ଆଉ ଦୁଇଧାର ଲୁହ
ଦରିଦ୍ର ମନର ଖାଲି ବିଦ୍ରୋହ ।

କିମ୍ବା ଯୋଡ଼ ହସ୍ତ ମୁଦ୍ରିତ ନୟନେ
ତୁମର ସେ ଯୁଗଳ ମୁରତିକୁ
ସ୍ମୃତି ପଟେ ଆଙ୍କୁ ଆଙ୍କୁ
ଟଳି ପଡୁଛି ତୁମ ପଦ ଯୁଗଳରେ ।





ଏମିତି ଅନେକ ଦେଖିବ,
ଦେଖିସାରି ଚିଠିଟିଏ ଲେଖିବ ।
କେତେଦିନ ଚାଲିଗଲା
ମୋ ଚିଠିର ଉତ୍ତର ମୁଁ ପାଇଲିନି
ଡାକବାଲା ତୁମ ଚିଠି ହଜାଇନି ।

ଏପଟେ ନ ହେଲେ ବି
ସେ ପଟରେ ଡାକବାଲା ଆଣି ଦେବ
ତୁମ ହାତ ଲେଖା ଚିଠି
ଏ ଆଶା ମୁଁ ରଖିଛି
ତା ବାଟକୁ ଚାହିଁଛି ।

## ନିର୍ଜନତା

କାଚ ଝରକାର ଆରପଟେ
ଫଗୁଣର ଆସର
ବେଶ୍ ଥଣ୍ଡା ଲାଗେ
ଦେହଟା ଶିହରି ଉଠେ
ଖୁବ୍ ନିଛାଟିଆ ଲାଗେ ।

ପୂର୍ବରୁ ପଶ୍ଚିମ ଯାଏ
ଆଖି ଲମ୍ୱି ଯାଏ
ପ୍ରିୟ ମୁହଁ ସବୁ ନାଚି ଯାଏ
ଛାତିଟା ବିଦୀର୍ଣ୍ଣ ହୁଏ
ଖୁବ ଅବଶ ଲାଗେ ।

ଜନ ସମୁଦ୍ର ମଧ୍ୟରେ
କିଏ ବା କେଉଁଠି ହଜି ଯିବେ
ରୁଗ୍ଣ ମନ ଓ ଦେହ ଧରି
ଏମିତି ଝରକା ପାଖରେ
ଦିନ ଗଣୁଗଣୁ ସବୁ ଆସିଯାଏ ପଲକରେ ।

ଲମ୍ୱା ରାସ୍ତା ସରି ଆସିଛି
ସେ ରାସ୍ତାରେ ସବୁଜ ଗାଲିଚା ନାହିଁ
ଫୁଲଦାନୀରେ ମଉଳା ଫୁଲ
ଆଖିଟା ବନ୍ଦ କରି
ଖାଲି ଅତୀତକୁ ଆବୃତ୍ତି କରୁଛି ।

ଆଉ ବା କେତେଟା ଦିନ
ଚାହୁଁ ଚାହୁଁ ସରିଯିବ
ଫଗୁଣ ପବନ ଖୁବ୍ ଭଲ ଲାଗିବ
କାଚ ଝରକା ଦେଇ
ନିର୍ଜନତା ଫେରିଯିବ ।





## ସ୍ୱପ୍ନ ଯଦି ସତ ହୁଏ

ସ୍ୱପ୍ନ ଯଦି ସତ ହୁଏ
ଅନେକ ବାଟ ପଛକୁ ଫେରିବା
ନିରାଶା, ହତାଶା, ଶୁଖିଲା
ଦିନଗୁଡ଼ାକ ଚାହିଁଥିବେ
ପୁଣି ନାଲି ସୂର୍ଯ୍ୟ, ବରଗଛ ଛାଇ
ଗ୍ରୀଷ୍ମାବକାଶରେ ଏମିତି କେତେ
ଅନୁଭୂତି ନେଇ
ଦୁହେଁ ଦୁହିଁଙ୍କୁ ପାଇବା ।

ସ୍ୱପ୍ନ ଯଦି ସତ ହୁଏ
ଡେଇଁ ଡେଇଁ ଲହଡ଼ି ଭାଙ୍ଗିବା
ଭିଜାଭିଜା ଦେହ ଦେଖି
ଲାଜେଇ ଉଠିବା
ତାତିଲା ବାଲିରେ
ଖିଲିଖିଲି ହସିହସି ଗଡ଼ିଯିବା ।

ସ୍ୱପ୍ନ ଯଦି ସତ ହୁଏ
ନାଲି ସୂର୍ଯ୍ୟ ବୁଡ଼ିଯିବ
ରଙ୍ଗ ସବୁ ଲିଭିଯିବ
ସନ୍ଧ୍ୟାରାଣୀ ଝୁମି ଝୁମି ଆସୁଥିବ
ପଣତ କାନିଟା
ଦୁଇଟି ନିଷ୍ପାପ ମୁହଁକୁ

ଢାଙ୍କି ଦେଇ
ଚୁପ୍‌ଚୁପ୍ କାନରେ କହିବ
କେତେ କଥା
କେତେ ମାନ ଅଭିମାନ
ନିମିଷକେ ସବୁ ଭୁଲିଯିବା
ଆମେ ଦୁହେଁ ଦୁହିଁଙ୍କୁ ପାଇବା ।





# ଆତ୍ମବିକାର

ମାଟିର ଗନ୍ଧ ମୋତେ
ପାଗଳ କରିଛି
ଝରଝର ବର୍ଷା ମୋତେ
ବିମର୍ଷ କରିଛି ।
ତଥାପି ବଂଚିବାର ଲୋଭ ନେଇ
ଅଭିନୟ କରିକରି ଚାଲିଛି ।
ମାଂସଲୋଭୀ ଲହଲହ ଜିହ୍ୱା କାଢ଼ି
ମୋତେ ଗୋଡ଼ାଉଛି ।
ଦିନେ ମୁଁ ଶିକାର ହେବି
ଏ କଥା ମୁଁ ଜାଣିଛି ।

ପାଇବା ଘରେ ଛକି
ଦେଇ ଦେଇ ନିଃସ୍ୱ ହେଲି
ନିଷ୍ଠୁର, ନିର୍ମମ, ଦହଗଞ୍ଜ
ଯେତେ ସବୁ ଯାତନା ବିଡ଼ା କଲି
ଜୁଇ କାଠ ସଙ୍ଗେ ସେ ବିଡ଼ା
ସାମିଲ ହୋଇବ
ସବୁ ପୋଡ଼ି ଧ୍ୱଂସ ହେବ
ନିଷ୍ଠୁର ପ୍ରାଣ ଟିକିଏ ବି ଛଟପଟ ହେବନି
ଜଡ଼ ଶରୀରଠାରୁ ନିସ୍ତାର ମିଳିବ ।

ଅପଲକ ନୟନରେ ଚାହିଁଥିବି
ତା ଆସିବା ବାଟକୁ

ସେ ରାସ୍ତାରେ ଧାଡ଼ିଧାଡ଼ି
ଯାତ୍ରୀଙ୍କର ଭିଡ଼
କେବେ ଆସିବ ମୋ ମନର ମଣିଷ
ଦଉଡ଼ି ଯିବି
ଜାକି ଧରି ତା ଛାତିରେ ମୁଣ୍ଡ ଗୁଞ୍ଜିବି
ସବୁ ସମର୍ପି ଦେଇସାରି
ଆଶ୍ୱସ୍ତ ହେବି ।





## ଜୀର୍ଣ୍ଣ ପୃଷ୍ଠା

କ୍ୟାଲେଣ୍ଡର -
ତୁମର ଏ ଶେଷ ପୃଷ୍ଠା
କେଡ଼େ ବିମର୍ଷ ।
ବାର୍ଦ୍ଧକ୍ୟରେ ଛଟପଟ
ଜୀବନର ବାକୀ ଅଂଶ
ହୋଇବ ନିଶେଃଷ ।

ଜୀବନରୁ ଗୋଟେ ବର୍ଷ
କମି ଯାଏ
ଯୌବନର ରଙ୍ଗ ସବୁ ଫିକା ପଡ଼ିଯାଏ
ତେବେ ବି, ହତାଶ ନୁହଁ
ନୂଆ ବର୍ଷକୁ ଚାହିଁ ରହେ
ନୂଆ ପୃଷ୍ଠାକୁ ଚାହିଁ ରହେ
ବିଗତ ବର୍ଷକୁ ଝୁରି ହୁଏ ।

ସେ କ୍ୟାଲେଣ୍ଡରର ପ୍ରଥମ ପୃଷ୍ଠାରେ
ପାଇବାରେ, ଖୋଜିବାରେ
ଆନନ୍ଦର ଲହଡ଼ି ମାରେ
ଦ୍ୱିତୀୟ ପୃଷ୍ଠାରେ -
ଶୀତ ସକାଳର କାକର ଭିଜା ଖରା
ତା ଦେହରେ ବୋଳିଯାଏ

ଶିହରଣ ଖେଳିଯାଏ
ଲହଡ଼ି ଅତଡ଼ା ଖାଏ
ବେଳା ଭୂଇଁ ଛୁଇଁବାର ପ୍ରବଳ ବାସନା ନେଇ
ଖୁବ୍ ଆଗକୁ ମାଡ଼ିଯାଏ ।

ତୃତୀୟ ପୃଷ୍ଠାରେ -
ନାଲି ସୂର୍ଯ୍ୟ ଚୁମିଯାଏ ଦିଗ୍‌ବଳୟ
ନାଲି ରଂଗ ଛିଟା ମାରେ ସାରା ସମୁଦ୍ରରେ
କୂଳ ଛୁଏଁ ଲହଡ଼ି
ନୂଆ ସ୍ପର୍ଶ ଭରିଯାଏ
ଥମ୍ କରି ପାଦଟା ରହିଯାଏ ।

ଏମିତି ପୃଷ୍ଠା ପରେ ପୃଷ୍ଠା
ଓଲଟିଛି, ଓଲଟିବ
ସେତ କ୍ୟାଲେଣ୍ଡର ପୃଷ୍ଠା ନୁହେଁ
ଜରାଜୀର୍ଣ୍ଣ ହେବା ତା ଜାତକେ ନାହିଁ
ଜୀବନର ସବୁ ପୃଷ୍ଠା
ଗୋଲାପର ରଂଗ ବୋଲି
ନ ରହିବ କାହିଁକି ?
ଚିରକାଳ ସତେଜ, ଜୀବନ୍ତ !





## ଗୁଣ୍ଡିଚା ଯାତ୍ରା

ଜଗନ୍ନାଥ !
ତୁମ ପାଇଁ କବିତାଟିଏ
ଲେଖିବା ପାଇଁ ମୋର ଭାରି ଇଚ୍ଛା
ସେଥିପାଇଁ ଦଉଡ଼େ ମୁଁ
ତୁମ ଧାମକୁ ସବୁ ମାସ
ବର୍ଷସାରା, କି ଖରା ବରଷା ।

ଏଥର ବି ଯାଇଥିଲି
ଭାଗ୍ୟ ମୋର କେଡ଼େ ଉଚ୍ଚ
ଭୁଲି ମୁଁ ପାରୁନି ପ୍ରଭୁ
ତୁମ ଖେଳା ଲୀଳା
ଯାହା ମୁଁ ଦେଖିଛି ମୋ ଚକ୍ଷୁରେ
ଯତ୍ନ କରି ସାଇତି ରଖିଛି
ସେ ଦୃଶ୍ୟ
ମୋ ହୃଦୟ ନିଭୃତ କୋଣରେ ।

ଭଉଣୀକୁ ସାଙ୍ଗେ ଧରି
ବଡ଼ ଭାଇ ସହ ମିଶି
ଆସିଲ ଗୁଣ୍ଡିଚା ନଗର
ଲକ୍ଷ ଲକ୍ଷ ଜନତାର ଭିଡ଼
ଝାଞ୍ଜ ମୃଦଙ୍ଗ ଧ୍ୱନିରେ
କମ୍ପୁଥିଲା ବଡ଼ଦାଣ୍ଡ
ତୁମରି ଦର୍ଶନ ପାଇଁ

ଜାତି ଅଜାତିର କିଛି
ନଥିଲା ବିଚାର ।
ପଣ୍ଡା ପଢ଼ିଆରି ମେଳେ
ମୃଦଙ୍ଗର ତାଳେ ତାଳେ
ଦୋହଲି ଦୋହଲି ତୁମେ
ଓହ୍ଲାଇଲ ରଥରୁ
ପେଡ଼ି ପୁଟୁଳି ତୁମର
ଓହ୍ଲା ହେଲା
ଶଙ୍ଖ ହୁଳହୁଳି ଆତସବାଜିରେ
ତୁମ ଦାଣ୍ଡ କମ୍ପୁଥିଲା ।

ବିସ୍ଫାରିତ ନୟନରେ
ତୁମେ ଖାଲି ଦେଖୁଥିଲ
ତୁମ ଭକ୍ତର ଆନନ୍ଦାଶ୍ରୁ
ଆନନ୍ଦରେ ଫାଟୁଥିଲା ତୁମ ବୁକୁ
ଟାହିଆକୁ ଦୋହଲାଇ
କୋଟି କୋଟି ମନ ଜିଣି
ଚାଲିଗଲ ଗୁଣ୍ଡିଚା ନଅରକୁ ।

ତୁମର ସେ ଚଲା ପଥ ଚାହିଁଚାହିଁ
ନିର୍ବାକ ହେଲି
ନିମିଷକେ ସବୁ ଭୁଲି
ଅନ୍ତର ଭରି ପ୍ରଭୁ
ଖାଲି ତୁମକୁ ହିଁ ପାଇଲି ।





# ତୋତେ ମୋର ପ୍ରଶ୍ନ

ପଚାରୁଛି ପ୍ରଶ୍ନ ତୋତେ
ଉତ୍ତରରେ ଶବ୍ଦ ନାହିଁ
ବିସ୍ଫାରିତ ନୟନରେ ବଲ୍‌ବଲ୍ ଚାହଣି
ସମସ୍ତ ଜନତାର ଚିତ୍କାର
ଘଣ୍ଟ ମୃଦଙ୍ଗରେ କମ୍ପୁଛି ବେଢ଼ା ତୋର ।

ଚାରି ଟଙ୍କାରେ କିଲେ ଚାଉଳ
ଦୁର୍ଗନ୍ଧରେ ଫାଟି ପଡ଼େ ନାକ
ଛଅ ଖଣ୍ଡ ବାଉଁଶର ଲୋଡ଼ା ନାହିଁ
ଘାଟରେ ଲଣ୍ଡା ହେବାର ପର୍ବ ନାହିଁ
ପଚାସଢ଼ା ଭଣ ଭଣ ଗନ୍ଧ
ଖୋଜା ଚାଲିଛି ଏତେ ତେଣେ
ନାକରେ କନାର ପଟି

ରିଲିଫ୍ ମିଳୁଛି
ଲୋଡ଼ା ନାହିଁ ସେ ରିଲିଫ୍
ସେ ପଟର ଡାକରା
ଏ ପଟର ଲମ୍ବା ଧାଡ଼ି
ହାତରେ ଅଖା ବ୍ୟାଗ୍
ପୁରୁଣା ଲୁଗା କିଛି ।

ଗାଁ ଦାଣ୍ଡ କୁକୁର ଭୁକେନି
ଭାଗବତ ଟୁଙ୍ଗି ଘର ନାହିଁ
କାହାକୁ ଦେଖୁଛୁ ତୁ ?
ତୋ ପୂଜାର ଊଣା ନାହିଁ ।

ଧନ୍ୟ ତୁ ଧନ୍ୟ ତୋର ଲୀଳା
ଟିକିଏ ବି ଚାହିଁଲୁନି
ବୁଡ଼ିଲା ବେଳେ ଭେଳା ।

# ପାଣିଚିଆ

ପାଣିଚିଆ ଜହ୍ନରାତି
ମତୁଆଲା କରେନି
ପାଣିଚିଆ ଫୁଲ ପାଶେ
ଭ୍ରମର ବି ଆସେନି ।

ପାଣିଚିଆ ସଂପର୍କରେ
ମନଟା ନଥାଏ
ସବୁକିଛି ଦିଆନିଆ
ଫିକା ପଡ଼ିଯାଏ ।
ପାଣିଚିଆ ତିଅଣରେ
ସୁଆଦ ନଥାଏ
ପାଣିଚିଆ ନିଦରେ
ସ୍ୱପ୍ନ ଭାଂଗିଯାଏ ।

ଶୀତ ସକାଳର
ପାଣିଚିଆ ଖରା
ଗାଲିଚା ମେଲାଇ ଦିଏ
ଦୁଇଖଣ୍ଡ ହାଡ଼ ଧରି
ଶୀତୁଆ ଦେହଟା
ଜାକିଜୁକି ଘୁଙ୍ଗୁଡ଼ି ମାରେ ।

ପାଣିଚିଆ ରଂଗରେ
ମନର ମଣିଷଟି





ବେରଙ୍ଗିଆ ଦିଶେ
ସ୍ମୃତି ସବୁ ପାଣିଚିଆ ହୋଇ
ମନ ଆକାଶରେ
ଲୁଚକାଳି ଖେଳେ ।

ପାଣିଚିଆ ଜୀବନରେ
ଭଙ୍ଗା ପଡ଼ିଯାଏ
ଯେତେ ସବୁ ପାଣିଚିଆ ପ୍ରେମ
ଛନ୍ଦାଛନ୍ଦି ହୋଇ
ବେଳେ ବେଳେ ଭାସି ଆସେ ।

ପାଣିଚିଆ ମନଟା
ବିଗତ ପ୍ରେମକୁ
ଗୋଟାଇ ପାରେନି
ପାଣିଚିଆ ବାସ୍ନା
ସେ ପ୍ରେମକୁ
ସୁଗନ୍ଧିତ କରେନି ।

# ସ୍ମୃତି

ସ୍ମୃତି ମୋର ଗେହ୍ଲା ଝିଅ
ହଜିଗଲା ଲାଜକୁଳି ଲଟାରେ
ଘନନୀଳ ବାଦଲ ମେଳରେ
ଅବା ଏମିତି ଏକ ସନ୍ଧ୍ୟାରେ
ମୋ ମନର ଉଦ୍‌ବେଳିତ ବେଳା ଭୂମିରେ ।

କେତେ ମୁଁ ଖୋଜିଛି
ଚଣ୍ଡୀ ମନ୍ଦିରରେ
ମହାବାହୁ ବଡ଼ଦାଣ୍ଡରେ
ଶିଆଳୀ ଲଟାରେ
ବାଲିଯାତ୍ରା ପଡ଼ିଆରେ
ରାଧାକୃଷ୍ଣ ମନ୍ଦିରରେ
ଅବା ମୋ ମନର
ନିଭୃତ କୋଣରେ ।

ସେ ଦିନର ସ୍ମୃତି ଥିଲା
ଅଲିଅଳି କନ୍ୟା
ଛନଛନ ମନ,
ଅଙ୍ଗେ ତାର ଶିହରଣ
ଖୁବ୍ ଭଲ ଲାଗୁଥିଲା
ତା ହସର ବନ୍ୟା
ଆଉ ଆଜି ?





ରୁକ୍ଷ କେଶ, ପାଷାଣୀ ସେ କନ୍ୟା
ନିଷ୍ଠୁରତା, ଛଳନା ଉଦ୍ଦେଶ୍ୟ
ସୃଷ୍ଟି କରେ କାରୁଣ୍ୟର ବନ୍ୟା ।
ହେ ପ୍ରଭୁ !
ଫେରାଇ ଦିଅ ମୋ ସ୍ମୃତିକୁ
ତୁମ ରାଇଜରୁ
ତୁମରି କୋଳରୁ
ମିଶିଯାଉ ସ୍ମୃତି ମୋର ଶିରା ପ୍ରଶିରାରେ
ସୃଷ୍ଟି ହେଉ ନୂତନ କମ୍ପନ
ସେ ହେବ ନୈସର୍ଗିକ ମିଳନ ।

## ଶିଳା ଲିପିର ଇତିକଥା

ଅନେକ ସ୍ୱପ୍ନ
ଅନେକ କାହାଣୀ
ଶିଳ୍ପୀ ତୂଳୀର ରଙ୍ଗ
ସବୁ ଫେଣ୍ଟାଫେଣ୍ଟି
ହୋଇଗଲା ପରେ
ଝରାପତ୍ର ଲେଖିଗଲା
ଥରଥର କଲମ ମୁନରେ ।

ରୁଦ୍ଧ କୋହ
ଦୁଇଟୋପା ତତଲା ଲୁହ
କେବେ କେମିତି
ଗୋଲାପର ରଙ୍ଗ
ମଲ୍ଲୀର ବାସ୍ନା
ପ୍ରଜାପତିର ଡେଣା
ନନ୍ନା ମୁନ୍ନାର ଦରୋଟି ଭାଷା
ଠୁକୁଠୁକୁ ଚାଲି
ଏମିତି କେତେ କ'ଣ
ଲେଖିଗଲା ଝରାପତ୍ର
ଶିଳାବକ୍ଷରେ ।

ସକାଳର କଅଁଳିଆ ଖରା
ଫଗୁଣର ଆସର
ତୁଳସୀ ଚଉଁରାମୂଳେ ସଞ୍ଜବତୀ
ସୋରିଷ ଫୁଲିଆ ଜହ୍ନ





ଝିଙ୍କାରିର ଝିଁ ଝିଁ ଶବ୍ଦ ବାୟାର କୋଟିକମ ନୀଡ଼
ଅଦେଖା ହାତର କରାମତି
ସବୁ ସୃଷ୍ଟି ଯାହାର
ସରିଲାନି ଲେଖା
ରହିଛି ଅନେକ କଥା ।

ଆମ୍ବ ଚିକ୍‌ଣ୍‌ର
ଡହଳ ବିକଳ
କର୍ଣ୍ଣ ଭେଦ କଲା
ରତ୍ନ ସିଂହାସନ ଦୋହଲିଲା
ଓହ୍ଲାଇ ଆସିଲ
ଟିକିଏ ଆଉଁସି ଦେଇ
ସବୁ ଦୁଃଖ ହରିନେଲ
ବଜ୍ର କଲ ଭଂଗା ମନକୁ
କିମିଆ କଲ ତୁମେ
ଗଦ ଶୁଙ୍ଘାଇଲ
ଝାଡ଼ିଝୁଡ଼ି ଆଗେଇ ଯିବାକୁ
ଥକିଲାନି ମନ
ଏସବୁ ଲେଖି ଲେଖି
ଆହୁରି ଅନେକ ବାକି ।

ଝରାପତ୍ର ଲେଖି ଗଲା
ଅନେକ କାହାଣୀ
ଉତ୍ସର୍ଗ କରିବ ତୁମକୁ
ଆଶୀର୍ବାଦ ଢାଳିଦେବ
କ୍ଷିପ୍ର କରିବ ତା କଲମ ମୁନକୁ ।